**ସଂକ୍ଷେପରେ**

## ଶିବଙ୍କ ପରେ ପାର୍ବତୀଙ୍କ ମୂର୍ତ୍ତି ନେଇଗଲେ ଦୁର୍ବୃତ୍ତ

**ହିଞ୍ଜିଳିକାଟୁ,୧୦।୨(ଡ଼ି.ଏନ୍.ଏ.):** ହିଞ୍ଜିଳିକାଟୁ ଲକ୍ଷ୍ମୀବଜାର ଚନ୍ଦ୍ର କନ୍ଦେଶ୍ୱର ମନ୍ଦିରରୁ ସୋମବାର ସନ୍ଧ୍ୟାରେ ପାର୍ବତୀଙ୍କ ମୂର୍ତ୍ତିକୁ କେହି ଦୁର୍ବୃତ୍ତ ଚୋରି କରି ନେଇଛନ୍ତି। ଏନେଇ କମିଟି ପକ୍ଷରୁ ଅଭିଯୋଗ ପରେ ହିଞ୍ଜିଳିକାଟୁ ପୋଲିସ ସ୍ଥାନୀୟ ଅଞ୍ଚଳର ଜଣକୁ ଉଠାଇ ନେଇ ପଚରାଉଚୁରା ଚଳାଇଛି। ପ୍ରକାଶ ଥାଉକି, ଉକ୍ତ ମନ୍ଦିରରୁ ଗତ ୨ ତାରିଖ ସନ୍ଧ୍ୟାରେ କେହି ଦୁର୍ବୃତ୍ତ ଶିବଙ୍କ ପିତଳ ମୂର୍ତ୍ତି ଚୋରିକରି ନେଇଥିଲେ। ଏନେଇ ଥାନାରେ ମନ୍ଦିର କମିଟି ଅଭିଯୋଗ କରିଥିଲା। ଏହାପୂର୍ବରୁ ଆଙ୍କୋରଡ଼ା କପିଳେଶ୍ୱର ମନ୍ଦିରରୁ ଶିବ ମୂର୍ତ୍ତି, ବରାହୀ ପାହାଡ଼ସ୍ଥିତ କନକଦୁର୍ଗା ମନ୍ଦିରରୁ ଦେବୀଙ୍କ ତ୍ରିଶୂଳ ଓ ଖଣ୍ଡା ଚୋରି ହୋଇଥିଲା।

## ଜି.ଉଦୟଗିରି ସ୍ୱାସ୍ଥ୍ୟକେନ୍ଦ୍ରରେ ଆମ୍ବୁଲାନ୍ସ ଲୋକାର୍ପଣ



**ଜି.ଉଦୟଗିରି,୧୦।୨(ଡି.ଏନ.ଏ.):** ଜି.ଉଦୟଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ନୂଆ ଆମ୍ବୁଲାନ୍ସକୁ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ସୋମବାର ସ୍ଥାନୀୟ ବିଧାୟକ ସାଲୁଗା ପ୍ରଧାନ ଲୋକାର୍ପଣ କରିଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଅଧିକାରୀ ଡା. ଶଶିକାନ୍ତ ମଲ୍ଲିକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉଦ୍ଘାଟନୀ ଉତ୍ସବରେ ବିଧାୟକ ପତାକା ଦେଖାଇ ଆନୁଷ୍ଠାନିକ ଭାବେ ଲୋକାର୍ପଣ କରିଥିଲେ। ଏହା ସହିତ ରୋଗୀମାନଙ୍କୁ ନୂତନ ବେଡ଼ସିଟ୍ ବିଧାୟକ ପ୍ରଦାନ କରିଛନ୍ତି। ଡାକ୍ତରଖାନାରେ ବିଶେଷଜ୍ଞ ଡାକ୍ତରଙ୍କ ଅଭାବ ଏବଂ ଦୀର୍ଘ ବର୍ଷ ହେଲା ସମ୍ପୂର୍ଣ୍ଣ ହୋଇପାରୁ ନ ଥିବା ଡାକ୍ତର କ୍ୱାର୍ଟର ସମ୍ପର୍କରେ ସରକାର ଓ ଜିଲା ପ୍ରଶାସନ ସହିତ ଆଲୋଚନା କରିଥିବା ବିଧାୟକ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧକ୍ଷା ଦୀପ୍ତିରେଖା ପ୍ରଧାନ, ବିଜେଡି ନେତା କାଳୁଚରଣ ପଣ୍ଡା, ବୁଲିଆନ ନାୟକ, ଗୋପାଳ ମହାପାତ୍ର, ସୀମାଞ୍ଚଳ ନାୟକ, ରାଜା ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ସମ୍ପର୍କ ରଥର ଶୁଭାରମ୍ଭ

**ଫୁଲବାଣୀ ଅଫିସ୍,୧୦।୨:** ରାଜ୍ୟ ସରକାରଙ୍କ ୫-ଟି କାର୍ଯ୍ୟକ୍ରମ ଓ ମୋ ସରକାର ଅର୍ନ୍ତଗତ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ସାଧାରଣ ଲୋକଙ୍କୁ ସଚେତନ କରିବା ପାଇଁ ଫୁଲବାଣୀ ସମ୍ମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପକ୍ଷରୁ ଏକ ସମ୍ପର୍କ ରଥର ଶୁଭାରମ୍ଭ ହୋଇଛି। ଏହାକୁ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ବିରେନ୍ଦ୍ର କୁମାର ଦାସ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ରଥ ଫୁଲବାଣୀ ଆଇଟିଡ଼ିଏ ଅର୍ନ୍ତଗତ ପ୍ରତ୍ୟେକ ଗ୍ରାମ ପଞ୍ଚାୟତରେ ବୁଲି ଲୋକମାନଙ୍କୁ ସରକାରଙ୍କର ଯୋଜନା ସମ୍ପର୍କରେ ସଚେତନ କରିବା ସହ ବିଭାଗ ପକ୍ଷରୁ ଲୋକମାନଙ୍କୁ କିପରି ବ୍ୟବହାର ମିଳୁଛି, ଯେଉଁକାମ ପାଇଁ ଲୋକମାନେ ଯାଉଛନ୍ତି ତାଙ୍କୁ ତାହା ମିଳୁଛି ନା ନାହିଁ ସେ ସମ୍ପର୍କରେ ଲୋକଙ୍କୁ ଅବଗତ କରାଇବ। ଏଥିସହ ବିଭିନ୍ନ ସ୍ଥାନରେ ସମ୍ପର୍କ ଶିବିରମାନ ମଧ୍ୟ ଅନୁଷ୍ଠିତ ହେବ। ଆସନ୍ତା ୧୩ରେ ଖଜୁରିପଡାଠାରେ ଏହି ଶିବିର ଆୟୋଜନ ହେବାକୁ ଥିବାବେଳେ ୨୦ରେ ଫିରିଙ୍ଗିଆ ଓ ୨୭ରେ ଫୁଲବାଣୀ ଠାରେ ଶିବିର ଅନୁଷ୍ଠିତ ହେବ ବୋଲି ପ୍ରକଳ୍ପ ନିର୍ଦ୍ଦେଶକ ଦାସ ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ଜୀବିକା ବିଶେଷଜ୍ଞ ବୈଦ୍ୟନାଥ ଖଟୁଆଙ୍କ ସମେତ ଅନ୍ୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

# ଓଡ଼ିଶୀ ନୃତ୍ୟରେ ଦର୍ଶକ ବିମୋହିତ




ଓଡିଶୀ ନୃତ୍ୟ ପରିବେଷଣ କରାଯାଉଛି।

**ରାଇକିଆ ୧୦।୨(ଡିଏନଏ)**

**ରାଇକିଆ ମହୋତ୍ସବ ଦ୍ୱିତୀୟ ସନ୍ଧ୍ୟା**

କନ୍ଧମାଳ ଜିଲା ରାଇକିଆଠାରେ ଚାଲିଥିବା ରାଇକିଆ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ସାଜିଥିଲା ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ। ଏଥିସହ ବ୍ରହ୍ମପୁର ରୟାଲ ଗ୍ରୁପ୍ ଏବଂ ବଲାଙ୍ଗୀରରୁ ଆସିଥିବା କଳାକାରଙ୍କ ଲୋକନୃତ ଦର୍ଶକଙ୍କ ମନ ମୋହିଥିଲେ। ପୂର୍ବରୁ ବ୍ଲକ ଅଧକ୍ଷା ମାନିନି ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅତିଥି ଭାବେ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ବିଶ୍ୱନାଥ ବାରିକ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ରାଜେନ୍ଦ୍ର କୁମାର ରଣଜିତ, ବାଲିଗୁଡା ଉପ ଜିଲାପାଳ ଦେବେନ୍ଦ୍ର ନନ୍ଦ, ବିଡିଓ ପ୍ରବୀଣ କୁମାର ବାଣୁଆ, ଜିଲା ପରିଷଦ ସଭ୍ୟ ମୃତ୍ୟୁଞ୍ଜୟ ପାତ୍ର, ସଭ୍ୟା ଝୁଲିମା ଦଳ ବେହେରା, ସରପଞ୍ଚ ପଞ୍ଚୁ ପ୍ରଧାନ, ସୁଷମା ପ୍ରଧାନ, ରଶ୍ମିତା ପ୍ରଧାନ, ଭିକାରୀ ମଲ୍ଲିକ, ଦୁନିଆ ମଲ୍ଲିକ, ସମିତି ସଭ୍ୟା କ୍ରିଷ୍ଟାପ୍ରିୟା ପ୍ରଧାନ ପ୍ରମୁଖ ଯୋଗ ଦେଇ ଥିଲେ। କୃତିତ୍ୱ ଅର୍ଜନ କରିଥିବା ବିଭିନ୍ନ ସ୍ୱୟଂ ସହାୟକ ଗ୍ରୁପ୍ ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଇକୋ ଗାଇଡ୍ ତାଲିମ ଶିବିର ଶୁଭାରମ୍ଭ

**ଦାରିଙ୍ଗବାଡ଼ି,୧୦।୨(ଡି.ଏନ୍.ଏ.)**

ଦାରିଙ୍ଗବାଡ଼ିକୁ ବହୁ ସଂଖ୍ୟାରେ ପର୍ଯ୍ୟଟକ ଆସୁଛନ୍ତି। ଉପଯୁକ୍ତ ଗାଇଡ୍ ଅଭାବରୁ ଅନେକ ସମୟରେ ପର୍ଯ୍ୟଟକ ଠକମାନଙ୍କ ଶିକାର ହେଉଛନ୍ତି। ଏଥିସହ ଗାଇଡ୍ ନପାଇ ପର୍ଯ୍ୟଟନକେନ୍ଦ୍ରକୁ ଭଲ ଭାବେ ଦେଖିପାରୁନାହାନ୍ତି। ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା, ସେମାନଙ୍କୁ ଗାଇଡ ଏବଂ ସ୍ଥାନୀୟ ଲୋକ କିଭଳି ବ୍ୟବହାର ପ୍ରଦର୍ଶନ କରିବେ, ଲୋକଙ୍କୁ କିଭଳି ଆଚରଣ କରାଯିବା ଆବଶ୍ୟକ ସହ ଖାଦ୍ୟ କିଭଳି ପରଷାଯିବ ସେ ନେଇ ତାଲିମ ଦେବାକୁ ଏକ ଇକୋ ଗାଇଡ ତାଲିମ ଶିବିରକୁ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ଆୟୋଜନ କରାଯାଇଛି। ମଙ୍ଗଳବାର ବାଲିଗୁଡ଼ା ଡିଏଫ୍ଓ ବିଶ୍ୱନାଥନ୍ ନିଲନଭରଙ୍କ ନେତୃତ୍ୱରେ ଏହି ୮ ଦିନିଆ ତାଲିମ ଶିବିର ଆୟୋଜନ କରାଯାଇଛି। ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ଦ୍ୱାରା ଆୟୋଜିତ ଏହି ଶିବିରରେ ଇଣ୍ଡିଆନ ଇନ୍ଷ୍ଟିଚ୍ୟୁଟ ଅଫ୍ ଟୁରିଜିମ୍ ଏଣ୍ଡ ମ୍ୟାନେଜମେଣ୍ଟର ପ୍ରଫେସର ଡ. ସବିର ହୁସେନ, ପ୍ରଫେସର ରବି ନାରାୟଣ ପଟ୍ଟନାୟକ, ପ୍ରଫେସର ରଶ୍ମିକାନ୍ତ ରାଉଳ ପ୍ରମୁଖ ତାଲିମ ପ୍ରଦାନ କରିଛନ୍ତି। ତାଲିମ ଶିବିରରେ ଦାରିଙ୍ଗବାଡ଼ି ବନାଞ୍ଚଳ ଅଧିକାରୀ ସତୀଶ କୁମାର ଧାରୁଆ, ବନପାଳ ହରିହର ବେହେରା ପ୍ରମୁଖ ପରିଚାଳନା କରିଥିଲେ। ମୋଟ ୩୫ ଜଣ ସଦସ୍ୟଙ୍କୁ ତାଲିମ ପ୍ରଦାନ କରାଯାଉଥିବା ଡିଏଫ୍ଓ ନିଲନଭର କହିଛନ୍ତି।




ତାଲିମ ଶିବିରରେ ଅଧିକାରୀ ଏବଂ ଇକୋଟୁରିଜମ୍ ସଦସ୍ୟ।

# କ୍ଷତିପୂରଣ ଦାବିକଲେ ଜମି ମାଲିକ

**ଦାରିଙ୍ଗବାଡ଼ି,୧୦।୨(ଡି.ଏନ୍.ଏ.)**



କ୍ଷତିଗ୍ରସ୍ତ ଚାଷଜମି।

**ପଥରଖୋଲରୁ ଡିଜେଲ ବାହାରିବା ଘଟଣା**

ଦାରିଙ୍ଗବାଡ଼ିର ଲଦପାଙ୍ଗାର ଏକ ପଥର ଖୋଲରୁ ଡିଜେଲ ବାହାରିବା ଯୋଗୁ ନିକଟସ୍ଥ ଚାଷଜମିରେ ଫସଲ ନଷ୍ଟ ହୋଇଥିଲା। ଜମି ମାଲିକମାନେ ଫସଲ ନଷ୍ଟ ନେଇ ସ୍ଥାନୀୟ ତହସିଲଦାର ନୀତିଶ ତ୍ରିପାଠୀଙ୍କ ନିକଟରେ ସୋମବାର ଲିଖିତ ଅଭିଯୋଗ କରିଛନ୍ତି। ସେମାନଙ୍କ ଅଭିଯୋଗ ହେଲା, ଡଲାବାଡ଼ିଠାରେ ଏକ ପେଟ୍ରୋଲ ପମ୍ପ ରହିଛି। ଏହା ନିକଟରେ ଥିବା ଜମିରେ ମାସେ ହେଲା ଭଲ ଫସଲ ହେଉନାହିଁ। ତେବେ କାହିଁକି ଏଭଳି ହେଉଛି ବୋଲି ସେମାନେ ଚିନ୍ତା କରୁଥିବାବେଳେ ଶନିବାର ଉକ୍ତ ଜମିରେ ଥିବା ଏକ ପଥରଖୋଲରୁ ଡିଜେଲ ବାହାରିଥିଲା। ଏହାପରେ ଫସଲ ନଷ୍ଟର କାରଣ ସମ୍ପର୍କରେ ଜମି ମାଲିକ ଦୈତାରୀ ପଡ୍ରା ଜାଣିବାକୁ ପାଇଥିଲେ ବୋଲି କହିଛନ୍ତି। ଦୈତାରୀଙ୍କ ନିକଟରେ ଥିବା ଜମି ମାଲିକ ପ୍ରଭାତ କୁମାର ପଡ୍ରା, ନରିଚି ନାୟକ, ଦୀନବନ୍ଧୁ ପଡ୍ରା, ପୀତବାସ ପ୍ରଧାନ, ଶେଷଦେବ ପଡ୍ରା, କବିଚନ୍ଦ୍ର ନାୟକ, ଦଣ୍ଡପାଣି ପଡ୍ରା ପ୍ରମୁଖ ମଧ୍ୟ ଫସଲ ନଷ୍ଟ ହୋଇଥିବା ଅଭିଯୋଗ କରିଛନ୍ତି। ଏଥିପାଇଁ କ୍ଷତିପୂରଣ ଦେବାକୁ ସେମାନେ ଦାବି କରିଛନ୍ତି। ସେହିପରି ଡିଜେଲ ବାହାରିବା ଘଟଣାକୁ ନେଇ ରବିବାର ଭାରତ ପେଟ୍ରୋଲିୟମ କର୍ପୋରେଶନ ଲିମିଟେଡ ପକ୍ଷରୁ ଏକ ଠିକା ସଂସ୍ଥାକୁ ପଠାଇ ଯାଞ୍ଚ କରାଯାଇଥିଲା। ହେଲେ ପ୍ରକୃତ କାରଣ ଜଣାପଡିନାହିଁ। ତେଣୁ ପୁଣି ପାଇପ ଲାଇନ ଖୋଲି ଯାଞ୍ଚ କରାଯିବ, ଯଦି ପାଇପ ଫାଟିଥିବ ତେବେ ମରାମତି କରାଯିବା ପରେ ପେଟ୍ରୋଲ ପମ୍ପ ଖୋଲାଯିବ ବୋଲି ଓଡ଼ିଶୀ ପେଟ୍ରୋଲ ପମ୍ପ ମାଲିକ ଅରୂପ କୁମାର ସାହୁ କହିଛନ୍ତି।

ସୂଚନାଯୋଗ୍ୟ ଯେ, ଦାରିଙ୍ଗବାଡ଼ିରେ ଥିବା ଏହି ଏକମାତ୍ର ପେଟ୍ରୋଲ ପମ୍ପ ବନ୍ଦ ଯୋଗୁ ଅଞ୍ଚଳବାସୀ ନାହିଁ ନ ଥିବା ହଇରାଣ ଭୋଗୁଛନ୍ତି। ଏହାର ଫାଇଦା ନେଇ କେତେକ ଅସାଧୁ ବ୍ୟବସାୟୀ ଚଢାରେ କଳାବଜାର କରୁଛନ୍ତି। ଏନେଇ ତହସିଲଦାର ନୀତିଶ ତ୍ରିପାଠୀ ତଦନ୍ତ କରୁଥିବା କହିଛନ୍ତି।

## ଭାଗବତ ସପ୍ତାହ ପାଳିତ

**ପାତ୍ରପୁର, ୧୦।୨(ଡି.ଏନ୍.ଏ)**

ପାତ୍ରପୁର ବ୍ଲକ କୋଳିହଳା ଗ୍ରାମରେ ଗତ ୩ ଦିନରୁ ଆରମ୍ଭ ହୋଇଥିବା ଭାଗବତ ସପ୍ତାହ ଉଦ୍ଯାପିତ ହୋଇଯାଇଛି। ପ୍ରତିଦିନ ମଙ୍ଗଳଧ୍ୱନି, ଭାଗବତ ପଠନ, ଘୃତଯଜ୍ଞ, ନାମଯଜ୍ଞ, ଅନ୍ନଯଜ୍ଞ ଅନୁଷ୍ଠିତ ହୋଇଥିଲା। ଶ୍ରୀକୃଷ୍ଣ ଚୈତନ୍ୟ ମିଶନର ପ୍ରତିଷ୍ଠାତା ଆଚାର୍ଯ୍ୟ ତ୍ରିଦଣ୍ଡି ସ୍ୱାମୀ ପ୍ରତିଦିନ ସନ୍ଧ୍ୟା ଆଳତି ପରେ ଭାଗବତ ବାଣୀ ପ୍ରଦାନ କରିଥିଲେ। ଆଖପାଖ ଗ୍ରାମରୁ ଭାଗବତ ପ୍ରେମୀ ଓ ସଂକୀର୍ତ୍ତନ ଦଳ ଭାଗ ନେଇଥିବା ବେଳେ ବ୍ଲକର ଜରଡ଼ା, ତିନିଘରିଆ, କେଲୁଆ, ଗୋଠଗାଁ, ପଦାଦିଗି, ଭୈରପୁର ଭାଗବତ ଟୁଙ୍ଗିର କର୍ମକର୍ତ୍ତା ଓ ଭକ୍ତମାନେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଗ୍ରାମବାସୀ ପରିଚାଳନା କରିଥିଲେ।

## ରାମଚରିତ ମାନସ ପାରାୟଣ, ପ୍ରବଚନ

**କ.ନୂଆଗାଁ,୧୦।୨(ଡି.ଏନ୍.ଏ.)**

କ.ନୂଆଗାଁ ବ୍ଲକ କଞ୍ଚାମେଣ୍ଡି ପଞ୍ଚାୟତର ନେଡିଗୁଡ଼ାଠାରେ ରାମଚରିତ ମାନସ ପାରାୟଣା ଓ ପ୍ରବଚନ କାର୍ଯ୍ୟକ୍ରମ ଉଦ୍ଯାପିତ ହୋଇଯାଇଛି। ୯ ଦିନ ଧରି ସକାଳେ ପାରାୟଣ ଓ ରାତିରେ ପ୍ରବଚନ କାର୍ଯ୍ୟକ୍ରମ ହୋଇଥିଲା। ପରାୟଣ ବିଡିପୁର ଗ୍ରାମର ପ୍ରକାଶ ଚନ୍ଦ୍ର ମିଶ୍ର ଓ ପ୍ରବଚନ ଗଞ୍ଜାମ ଜିଲା ବାଲିପଦର ଗ୍ରାମର ନୀଳକଣ୍ଠ ପାଣିଗ୍ରାହୀ ପ୍ରଦାନ କରିଥିଲେ। କର୍ତ୍ତା ଭାବେ ଚୈତନ୍ୟ ପୂଜାରୀ କାର୍ଯ୍ୟ ସମ୍ପାଦନ କରିଥିଲେ। କ.ନୂଆଗାଁ ଦିବ୍ୟଜୀବନ ସଂଘର ସମ୍ପାଦକ ଶ୍ୟାମଘନ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା।

# ଗୋଳନ୍ଥରା ଚାମ୍ପିୟନ, ପାଟପୁର ରନର୍ସ ଅପ୍




ଅତିଥିଙ୍କ ଗହଣରେ ଚାମ୍ପିୟନ୍ ଓ ରସର୍ନଅପ୍ ଟିମ୍‌ର ଖେଳାଳୀମାନେ।

**ଫୁଲବାଣୀ ଅଫିସ,୧୦।୨**

**ରାଜ୍ୟସ୍ତରୀୟ ଭଲିବଲ୍ ଟୁର୍ନାମେଣ୍ଟ ଉଦ୍ଯାପିତ**

ଫୁଲବାଣୀ ପୌର ପରିଷଦ ଅନ୍ତର୍ଗତ ୧୨ ନମ୍ବର ୱାର୍ଡ଼ ପିଅନପଡ଼ାରେ ଚାଲିଥିବା ଦ୍ୱିତୀୟ ରାଜ୍ୟସ୍ତରୀୟ ଭଲିବଲ୍ ଟୁର୍ନାମେଣ୍ଟ ରବିବାର ଉଦ୍ଯାପିତ ହୋଇଯାଇଛି। ଫାଇନାଲ୍ ମ୍ୟାଚ୍ ଗଞ୍ଜାମ ଜିଲାର ଗୋଳନ୍ଥରା ଓ ପାଟପୁର ମଧ୍ୟରେ ହୋଇଥିବା ବେଳେ ଗୋଳନ୍ଥରା ଟିମ୍ ଚାମ୍ପିୟନ ହୋଇଛି। ପୁରସ୍କାର ବିତରଣ ଉତ୍ସବରେ ଅତିଥିଭାବେ ଯୁବ ବ୍ୟବସାୟୀ ସୁଧାଂଶୁ ସେନାପତି, କାଳି ଚରଣ ସାହୁ ଏବଂ ଯୁବନେତା ବିଶ୍ୱଜିତ୍ ପ୍ରଧାନ ଓ ବରିଷ୍ଠ ଠିକାଦାର ତ୍ରିନାଥ ସାହୁ ଯୋଗଦେଇ ଉଭୟ ଚାମ୍ପିୟନ ଓ ରନର୍ସ ଅପ ଦଳକୁ ପୁରସ୍କାର ପ୍ରଦାନ କରିଥିଲେ। ଚାମ୍ପିୟନ୍ ଦଳକୁ ୨୨,୨୨୨ ଟଙ୍କା ସହିତ ଟ୍ରଫି ଓ ରସର୍ନ ଅପ୍ ଦଳକୁ ୧୭,୭୭୭ ଟଙ୍କା ସହିତ ଟ୍ରଫି ଦିଆଯାଇଥିଲା। ସେହିପରି ଶ୍ରେଷ୍ଠ ଖେଳାଳି , ଶ୍ରେଷ୍ଠ ନେଟର ଓ ଶ୍ରେଷ୍ଠ ହିଟରଙ୍କୁ ମଧ୍ୟ ଅତିଥିମାନେ ପୁରସ୍କୃତ କରିଥିଲେ। ଅଶୋକ ମହାନ୍ତିଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ଟୁର୍ନାମେଣ୍ଟର ସଭାପତି ଅସିତ୍ କୁମାର ମହାନ୍ତି, ଉପସଭାପତି ସୁଶାନ୍ତ ମହାନ୍ତି, ସମ୍ପାଦକ ସୂର୍ଯ୍ୟକାନ୍ତ ଦାସ ଓ କୋଷାଧକ୍ଷ ଗଗନବିହାରୀ ପଟ୍ଟନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ଟୁର୍ନାମେଣ୍ଟରେ ରେଫରି ଦାୟିତ୍ୱ ତୁଲାଇଥିବା ପ୍ରତାପ ସ୍ୱାଇଁ ଓ ଲାଇନମ୍ୟାନ୍ ବିଜୟ ଭଞ୍ଜ ଏବଂ ଗଣେଶ ଦିଗାଲଙ୍କୁ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଗତ ୩ ତାରିଖରୁ ଆରମ୍ଭ ହୋଇଥିବା ଏହି ଟୁର୍ନାମେଣ୍ଟରେ ରାଜ୍ୟର ବିଭିନ୍ନ ଅଞ୍ଚଳର ୧୨ଟି ଟିମ୍ ଭାଗ ନେଇଥିଲେ। ଟୁର୍ନାମେଣ୍ଟ ପରିଚାଳନାରେ ସମସ୍ତ କର୍ମକର୍ତ୍ତା ଓ ସ୍ୱେଚ୍ଛାସେବୀ ସହଯୋଗ କରିଥିଲେ।

## ଜିଲାସ୍ତରୀୟ ଜାତୀୟ କୃମିନାଶକ ଦିବସ

**ରାଇକିଆ,୧୦।୨ (ଡ଼ି.ଏନ୍.ଏ.)**



ଜିଲାପାଳ ଜଣେ ଛାତ୍ରଙ୍କୁ କୃମିନାଶକ ଖୁଆଉଛନ୍ତି।

ରାଇକିଆ ବିଜୟ ହାଇସ୍କୁଲଠାରେ ସୋମବାର ଜିଲାସ୍ତରୀୟ ଜାତୀୟ କୃମିନାଶକ ଦିବସ ପାଳିତ ହୋଇଯାଇଛି। କନ୍ଧମାଳ ଜିଲାପାଳ ବୃନ୍ଦା.ଡ଼ି ଅତିଥି ଭାବେ ଯୋଗଦେଇ ଅଙ୍ଗନୱାଡି ଶିଶୁ ଏବଂ ବିଦ୍ୟାଳୟ ଛାତ୍ରମାନଙ୍କୁ କୃମି ନାଶକ ଖୁଆଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ଏଥିସହ କୃମି ଯୋଗୁ ଶରୀର କିପରି ଅପପୁଷ୍ଟିର ଶିକାର ହେଉଛି, ଏହାକୁ କିଭଳି ନିରାକରଣ କରାଯିବ ସେ ସମ୍ବନ୍ଧରେ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ସିଡିଏମଓ ରାଜ୍ୟଶ୍ରୀ ପଟ୍ଟନାୟକ, ଜିଲା ସମାଜ ମଙ୍ଗଳ ଅଧିକାରୀ ମନସ୍ୱିନୀ ମିଶ୍ର, ଜିଲା ଶିକ୍ଷା ଅଧିକାରୀ ବିକାଶ ପ୍ରଧାନ ଏବଂ ରାଇକିଆ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଡାକ୍ତରମାନେ ଉପସ୍ଥିତ ଥିଲେ। ବିଜୟ ହାଇସ୍କୁଲ ପ୍ରଧାନ ଶିକ୍ଷକ ଯୋଗେନ୍ଦ୍ର ମଣ୍ଡଳ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଓଡ୍ର ଖଣ୍ଡାୟତ କାଳଞ୍ଜି ସମାଜର କର୍ମକର୍ତ୍ତା ଚୟନ

**ଧରାକୋଟ,୧୦।୨(ଡି.ଏନ.ଏ.)**

ଧରାକୋଟ ଆଞ୍ଚଳିକ ପରିଷଦ ବେଠୁଆର ଓଡ୍ର ଖଣ୍ଡାୟତ ମଣ୍ଡଳର କାଳଞ୍ଜି ସମାଜର ଏକ ବୈଠକ ରବିବାର ଚାଙ୍ଗରାପଲ୍ଲୀସ୍ଥିତ କାଠୁଆପଲ୍ଲୀ ପୀଠରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ବିପ୍ର ଚରଣ ଜେନାଙ୍କ ଅଧକ୍ଷତାରେ ନୂତନ ବେଠୁଆର ମଣ୍ଡଳର କର୍ମକର୍ତ୍ତା ଚୟନ କରାଯାଇଥିଲା। ଏଥିରେ ସଭାପତି ରୂପେ ଅଭିମନ୍ୟୁ ସ୍ୱାଇଁ, ଉପସଭାପତି ଭାବେ ଦେବରାଜ ସ୍ୱାଇଁ, ସମ୍ପାଦକ ରଜନୀକାନ୍ତ ଜେନା ମନୋନୀତ ହୋଇଥିଲେ। ବୈଠକରେ ଜିଲାପାଳଙ୍କ ନିର୍ଦ୍ଦେଶରେ ବାଲ୍ୟବିବାହକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରିବା ପାଇଁ ଅଞ୍ଚଳ ସଭାପତି ମୋହନ ବିଶୋୟୀ ଅବଗତ କରାଇଥିଲେ। ନୂତନ କର୍ମକର୍ତ୍ତା ପ୍ରତ୍ୟେକ ଗ୍ରାମ୍ୟ କମିଟି ସମ୍ପାଦକଙ୍କୁ ସଭାର ବିବରଣୀ ସମ୍ପର୍କରେ ସୂଚାଇଥିଲେ।

## ଗ୍ରାମାଞ୍ଚଳ ଭଲିବଲ୍ ଟୁର୍ନାମେଣ୍ଟ: ବିସ୍‌ପଦର ଚାମ୍ପିୟନ

**ଖଜୁରିପଡ଼ା,(ଡି.ଏନ୍.ଏ.)/ ବଲସକୁମ୍ପା,୧୦।୨**

ଖଜୁରିପଡ଼ା ବ୍ଲକ ବଲସକୁମ୍ପା ପଞ୍ଚାୟତ ଛନ୍ଦୁରୁପଦର ଗ୍ରାମରେ ମହାବୀର ଯୁବକ ସଂଘ ପକ୍ଷରୁ ଦୁଇଦିନ ଧରି ଚାଲିଥିବା ଗ୍ରାମାଞ୍ଚଳ ଭଲିବଲ ଟୁର୍ନାମେଣ୍ଟ ରବିବାର ଉଦ୍ଯାପିତ ହୋଇଛି। ରବିବାର ବିସପଦର ଏବଂ ସଦନମେଣ୍ଡି ଟିମ୍ ମଧ୍ୟରେ ହୋଇଥିବା ଫାଇନାଲ ମ୍ୟାଚରେ ବିସ୍‌ପଦର ଚାମ୍ପିୟନ ହୋଇଛି। ବିସ୍‌ପଦର ୨୩ ପଏଣ୍ଟ ପାଇଥିବା ବେଳେ ସଦନମେଣ୍ଡି ୧୪ ପଏଣ୍ଟ ପାଇଥିଲା। ଟୁର୍ନାମେଣ୍ଟରେ ୧୬ ଟିମ ଭାଗ ନେଇଥିଲେ। ରାଧାକାନ୍ତ ଦିଗାଲଙ୍କ ନେତୃତ୍ୱରେ ମୁଖ୍ୟ ଆୟୋଜକ ଖିତିସ୍ କୁମାର ମଲିକ ସମସ୍ତ ଖର୍ଚ୍ଚ ବହନ କରି ମୁଖ୍ୟଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ ଟିମ୍‌କୁ ପୁରସ୍କୃତ କରିଥିଲେ। ପ୍ରଦୀପ ଦିଗାଲ, ବାଲ୍ମୀକି କହଁର, କାହ୍ନୁ ଚରଣ ଦିଗାଲ ପ୍ରମୁଖ ରେଫରି ଦାୟିତ୍ୱ ତୁଲାଇଥିଲେ। ଯୁବକ ସଂଘ ସଭାପତି ବାଲ୍ମୀକି କହଁର ଓ ସମ୍ପାଦକ ମନୋଜ କୁମାର ଜାନୀ ଟୁର୍ନାମେଣ୍ଟ ପରିଚାଳନା କରିଥିଲେ। ସମସ୍ତ ସଭ୍ୟ ସହଯୋଗ କରିଥିଲେ।




ଉପସ୍ଥିତ ଅତିଥିବୃନ୍ଦ।

# ବ୍ରାହ୍ମଣୀଗାଁରେ ଲୁର୍ଦ୍ଦୁମେରୀଙ୍କ ସୁବର୍ଣ୍ଣ ଜୟନ୍ତୀ

**ଦାରିଙ୍ଗବାଡ଼ି,୧୦।୨(ଡି.ଏନ୍.ଏ.)**

- ଖ୍ରୀଷ୍ଟ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଉତ୍ସାହ
- ସାଂସ୍କୃତିକ କାର୍ଯ୍ୟକ୍ରମ ସହ ସମୂହ ପ୍ରାର୍ଥନା

ଦାରିଙ୍ଗବାଡ଼ି ବ୍ଲକ ବ୍ରାହ୍ମଣୀଗାଁଠାରେ ମା' ଲୁର୍ଦ୍ଦୁମେରୀଙ୍କ ସୁବର୍ଣ୍ଣ ଜୟନ୍ତୀ ମେରୀ ଗୁମ୍ଫାରେ ୩ ଦିନ ଧରି ବଡ଼ ଧୁମ୍‌ଧାମରେ ପାଳନ କରାଯାଇଛି। ରବିବାର ଏହା ଉଦ୍‌ଘାଟନ କରାଯାଇଥିବାବେଳେ ସୋମବାର ପୂର୍ବାହ୍ନ ୧୦ଟାରେ ଲୁର୍ଦ୍ଦୁମେରୀଙ୍କ ଗୁମ୍ଫା ପଡ଼ିଆଠାରେ ଦିବ୍ୟଯଜ୍ଞର ଆୟୋଜନ କରାଯାଇଥିଲା। ଏହାକୁ ବ୍ରାହ୍ମଣୀଗାଁ ମଣ୍ଡଳର ମୁଖ୍ୟ ଯାଜକ ଦେବ ଚନ୍ଦନ କାସିଆନ ଏବଂ ସହକାରୀ ଯାଜକ କରୁଣାକର ଦିଗାଳ ଦିବ୍ୟଯଜ୍ଞ ସହ ସାମୂହିକ ପ୍ରାର୍ଥନା, ବାଇବେଲ୍ ପଠନ, ପ୍ରଭୁ ଯିଶୁଖ୍ରୀଷ୍ଟଙ୍କ ବାଣୀ ଶୁଣାଇଥିଲେ। ମାନବ ସମାଜର ସୁଖ, ଶାନ୍ତି, ସମୃଦ୍ଧି ସହ ଭାଇଚାରା ଓ ସଦ୍‌ଭାବନା ପାଇଁ ପ୍ରାର୍ଥନା କରାଯାଇଥିଲା। ଯାଜକ ଆନ ସେଲୁମ୍ ବିଶ୍ୱାଳ ଏଥିରେ ସହଯୋଗ କରିଥିଲେ। ସେହିପରି ଅପରାହ୍ନରେ କଟକ ଡାଇଓସେସ ବିଶପ ଜନ୍ ବାରୱା ବ୍ରାହ୍ମଣୀଗାଁରେ ପହଞ୍ଚିଥିଲେ। ତାଙ୍କୁ ଶିବ ମନ୍ଦିର ଛକଠାରୁ ଖ୍ରୀଷ୍ଟ ଶ୍ରଦ୍ଧାଳୁମାନେ ସ୍ୱାଗତ କରି ଏକ ବିରାଟ ଶୋଭାଯାତ୍ରାରେ ଲୁର୍ଦ୍ଦୁମେରୀଙ୍କ ଗୁମ୍ଫା ନିକଟକୁ ଆଣିଥିଲେ। ବିଶପ୍ ବାରୱାଙ୍କ ଦ୍ୱାରା ସନ୍ଧ୍ୟାରେ ଦିବ୍ୟଯଜ୍ଞ ସହ କ୍ୟାଣ୍ଡେଲ ଶୋଭାଯାତ୍ରା ମାଧ୍ୟମରେ ଶାନ୍ତି ପ୍ରାର୍ଥନା କରାଯାଇଥିଲା। ସେହିପରି ସନ୍ଧ୍ୟାରେ ସମ୍ବଲପୁର ଅଞ୍ଚଳରୁ ଆସିଥିବା କଳାକାର ମେଲୋଡ଼ି ପରିବେଷଣ କରିଥିଲେ। ସୂଚନାଯୋଗ୍ୟ, ଉକ୍ତ ଜୟନ୍ତୀ ମଙ୍ଗଳବାର ଉଦ୍ଯାପିତ ହେବ। କାର୍ଯ୍ୟକ୍ରମକୁ ବ୍ଲକ ଉପାଧକ୍ଷ ତଥା ଜୟନ୍ତୀ ପାଳନ କମିଟିର ମୁଖ୍ୟ ରମାକାନ୍ତ ବଳିଆରସିଂ, ଥମାସ ନାୟକ, କିଶୋର ନାୟକ, ସଦାନନ୍ଦ ନାୟକ, ବିକ୍ରମ ବସ୍ତରାୟ, ଅଶୋକ କୁମାର ସିଂ, ସୁବାସ ଚନ୍ଦ୍ର ବଳିଆରସିଂ ପରିଚାଳନା କରିଛନ୍ତି।



ବିଶପ ଜନ୍ ବାରୱାଙ୍କୁ ଶୋଭାଯାତ୍ରାରେ ନିଆଯାଉଛି।

## ସଂକ୍ଷେପରେ

### ଆଇନଜୀବୀଙ୍କ ବିୟୋଗରେ କାର୍ଯ୍ୟବନ୍ଦ

ବ୍ରହ୍ମପୁର ଅଫିସ, ୧୦।୨: ଗଞ୍ଜାମ ଓକିଲ ସଂଘ ସଦସ୍ୟ ତଥା ବରିଷ୍ଠ ଆଇନଜୀବୀ ବଦ୍ରି ନାରାୟଣ ଦ୍ୟାନସାମନ୍ତରାଙ୍କ ବିୟୋଗରେ ସୋମବାର କୋର୍ଟ ବାରରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଓକିଲ ସଂଘ ସଭାପତି ରବୀନ୍ଦ୍ର ପାଣିଗ୍ରାହୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୃତ ଆଇନଜୀବୀଙ୍କ ଆମର ଆତ୍ମାର ସଦ୍‌ଗତି ନିମନ୍ତେ ୨ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ସେହିପରି ଶୋକସନ୍ତପ୍ତ ପରିବାରବର୍ଗଙ୍କ ପାଇଁ ସମବେଦନା ମଧ ଜ୍ଞାପନ କରାଯାଇଥିଲା। ଏଥିରେ ସଂଘ ସମ୍ପାଦକ କୈଳାସ ଚନ୍ଦ୍ର ପାଣିଗ୍ରାହୀ, ଉପସଭାପତି ଚିତ୍ତରଞ୍ଜନ ଶତପଥୀ, ଯୁଗ୍ମ ସମ୍ପାଦକ କିରଣକୁମାର ମଣ୍ଡଳ, ବରିଷ୍ଠ ଆଇନଜୀବୀ ଶତ୍ରୁଘନ ପାତ୍ର, ମୋହନ ସିଙ୍ଗାରି, ଶିଶିର ପାଢ଼ୀ, ରଘୁନାଥ ପ୍ରସାଦ ପାଣିଗ୍ରାହୀ, ପୀତବାସ ପଣ୍ଡା, ସୁନୀଲ କୁମାର ସ୍ୱାଇଁ, ମନୋଜ ପଟ୍ଟନାୟକ, ପ୍ରଫୁଲ୍ଲ ଗୌଡ଼, ବରୁଣ ଗୌଡ଼, ଅକ୍ଷୟ ପଟ୍ଟନାୟକ, କରୁଣାକର ପାଣିଗ୍ରାହୀ, ସିତାଂଶୁ ପଣ୍ଡା, ସଞ୍ଜୟ ମିଶ୍ର, ଗୋପାଳ ପଣ୍ଡାଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତ ଥିଲେ। ସୋମବାର ଦିନକ ପାଇଁ ଓକିଲ ସଂଘ ତରଫରୁ ଜିଲା ଜଜ୍ କୋର୍ଟ ସମେତ ସମସ୍ତ ନିମ୍ନ ଅଦାଲତରେ କାର୍ଯ୍ୟ ବନ୍ଦ କରାଯାଇଥିଲା।

### ସାପ କାମୁଡ଼ାରେ ମହିଳା ମୃତ

ବ୍ରହ୍ମପୁର ଅଫିସ,୧୦।୨: ସାପ କାମୁଡ଼ାରେ ଗୁରୁତର ଥିବା ଜଣେ ମହିଳାଙ୍କର ଏମ୍‌କେସିଜି ମେଡିକାଲରେ ସୋମବାର ସକାଳେ ମୃତ୍ୟୁ ଘଟିଛି। ମୃତ ମହିଳା ଜଣଙ୍କ ସଂଯୁକ୍ତା କର (୪୫)। ତାଙ୍କ ଘର ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଗଜପତିନଗର। ମେଡିକାଲ ଫାଣ୍ଡି ପୋଲିସ ସୋମବାର ମୃତଦେହ ଜବତ କରି ନଂ.୬୬/୨୦ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

ପ୍ରକାଶଯେ, ଗତ ୭ ତାରିଖ ସନ୍ଧ୍ୟାରେ ସଂଯୁକ୍ତା ଅଳିଆ ନେଇ ଘର ସମ୍ମୁଖରେ ଥିବା ଗାର୍ବେଜ ପଏଣ୍ଟରେ ପକାଉଥିଲେ। ସେହି ସମୟରେ ଏକ ବିଷଧର ସାପ ତାଙ୍କୁ କାମୁଡି ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା।

### ଚବିଶ ପ୍ରହର ନାମଯଜ୍ଞ ଉଦ୍‌ଯାପିତ

ଗଞ୍ଜାମ,୧୦।୨(ଡି.ଏନ.ଏ.)-ଗଞ୍ଜାମ ବଡ଼ବଜାର ଜଗନ୍ନାଥ ମନ୍ଦିରରେ ଚାଲିଥିବା ଚବିଶ ପ୍ରହର ନାମଯଜ୍ଞ ସୋମବାର ଉଦ୍‌ଯାପିତ ହୋଇଛି। ଶେଷ ଦିନ ପୂର୍ଣ୍ଣାହୁତି ପରେ ନଗର ପରିକ୍ରମା କରାଯାଇଥିଲା। ବଡ଼ବଜାର ବଣିକ ସଂଘ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ସଂଘ ସଭାପତି ଗୌରୀଶଙ୍କର ବାରିକି, ସମ୍ପାଦକ କାହ୍ନୁଚରଣ ପଣ୍ଡା, ଉପସଭାପତି ଗଣେଶ ପଟ୍ଟନାୟକ, କୋଷାଧକ୍ଷ ଜି. ରାମଦାସ ରେଡ୍ଡୀ, କାଙ୍ଗା ପଲାଇ, ଅନି ପଟ୍ଟନାୟକ, ଜଗୁ ରେଡ୍ଡୀ, ଲକ୍ଷ୍ମଣ ରେଡ୍ଡୀ, ସୁର ପାତ୍ର ପ୍ରମୁଖ ପରିଚାଳନା କରିଥିଲେ।

# ଏମ୍‌କେସିଜି ମେଡିକାଲରେ ୫ ଚିକିତ୍ସାଧୀନ

**୧୧ କେଭି ତାର ଲାଗି ୧୦ ମୃତ୍ୟୁ ଘଟଣା**

■ସ୍ତବ୍ଧ ହୋଇଯାଇଛି ଡଙ୍କଲପାଡୁ

ବ୍ରହ୍ମପୁର ଅଫିସ,୧୦।୨

ଗଞ୍ଜାମ ଜିଲା ରଙ୍ଗେଇଲୁଣ୍ଡା ବ୍ଲକ ଅଧୀନ ଡଙ୍କଲପାଡୁ ରାସ୍ତାରେ ରବିବାର ଅପରାହ୍ନରେ ୧୧କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ୧୦ ଜଣଙ୍କ ମୃତ୍ୟୁ ଘଟିଥିଲା। ଦୁର୍ଘଟଣାରେ ଗୁରୁତର ଆହତ ୭ ଜଣ ଲୋକ ଏବେ କଟକ ବଡ଼ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି। ସେହିପରି ରବିବାର ସନ୍ଧ୍ୟାରେ ଗୁରୁତର ୯ ଜଣ ଶିଶୁ, ମହିଳା ଏମ୍‌କେସିଜି ମେଡିକାଲରେ ଭର୍ତ୍ତି ହୋଇଥିବା ବେଳେ ୪ ଜଣ ସୁସ୍ଥ ହେବାପରେ ଘରକୁ ଫେରିଛନ୍ତି। ଏବେ ୨ ଜଣ ନାବାଳିକାଙ୍କ ସମେତ ୫ ମହିଳା ଏମ୍‌କେସିଜି ସର୍ଜରି ୱାର୍ଡରେ ଚିକିତ୍ସାଧୀନ। ସେମାନେ ହେଲେ ଡଙ୍କଲପାଡୁ ଗ୍ରାମର ପି.ଭୂମିକା ରେଡ୍ଡୀ (୧୭), ୟୁ.ମୋହିନୀ ରେଡ୍ଡୀ (୩୦), ବି.ଜାନକୀ ଆମ୍ମା (୪୦), ଇ.ଲଳିତା (୧୬) ଓ ଇନ୍ଦ୍ରାକ୍ଷୀର ୟୁ.ଡାଲମ୍ମା (୫୦)।


ଆହତ ବି.ଜାନକୀ ଆମ୍ମା।

ୟୁ.ଡାଲମ୍ମା କହିଛନ୍ତି, ପୁତୁରା ଅଶୋକଙ୍କ ନିର୍ବନ୍ଧ ପାଇଁ ଡଙ୍କଲପାଡୁ ଗ୍ରାମକୁ ଆସିଥିଲି। ଅନ୍ୟ ବନ୍ଧୁବାନ୍ଧବଙ୍କ ସହ ମୁଁ ବସ୍‌ରେ ଚିକରଡା ଗ୍ରାମକୁ ଯାଉଥିଲି। ରାସ୍ତାରେ ବସ୍ ଅଟକିଥିଲା। କ'ଣ ହେଲା ବୋଲି ଭାବିଲା ବେଳକୁ ବସ୍ ଭିତରେ ସମସ୍ତେ ଚିତ୍କାର କରୁଥିଲେ।


ଆହତ ୟୁ.ମୋହିନୀ ରେଡ୍ଡୀଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝୁଛନ୍ତି ସିପିଆଇ (ଏମ୍) ରାଜ୍ୟ ସମ୍ପାଦକ ଅଳି କିଶୋର ପଟ୍ଟନାୟକ।


ପି.ଭୂମିକା ରେଡ୍ଡୀ।

ବିଦ୍ୟୁତ୍ ତାର ବସ୍‌ରେ ଲାଗିଗଲା ବୋଲି କହିବା ସହ ଭିତରେ ଦଳାଚକଟା ଆରମ୍ଭ ହୋଇଯାଇଥିଲା। ମୋ ଉପରେ କେତେଜଣ ମହିଳା ଚଢ଼ି ଚାଲିଗଲେ। ପରେ କେହି ଜଣେ ମୋତେ ବସ୍ ଭିତରୁ ଟାଣି ବାହାର କରିଥିଲେ। ଘଟଣାସ୍ଥଳରେ ସମସ୍ତେ କାନ୍ଦୁଥିବା ବେଳେ ମୋର ଶରୀରର କେତେକ ଅଂଶ ପୋଡିଯାଇଥିବାରୁ ମୋତେ ମେଡିକାଲରେ ଭର୍ତ୍ତି କରିଥିଲେ। ମୁଁ ଏବେ ସୁସ୍ଥ ଅଛି। ଗାଁକୁ ଗଲେ ସମସ୍ତଙ୍କୁ ଭେଟି ସେମାନେ କେମିତି ଅଛନ୍ତି ଦେଖିବି।

ୟୁ.ମୋହିନୀ କହିଛନ୍ତି, ସେ କାଳ ରବିବାରର ଭୟାନକ ଦୃଶ୍ୟ ଅତି ଭୟଙ୍କର ଥିଲା। ଜୀବନ ବଞ୍ଚାଇବା ପାଇଁ ବସ୍‌ରେ ବସିଥିବା ଲୋକମାନଙ୍କ କରୁଣ କ୍ରନ୍ଦନ ଏବେ ବି ଶୁଭୁଛି। ମୁଁ ପ୍ରାଣ ବିକଳରେ ବସ୍ କାଚ ଭାଙ୍ଗିଥିଲି। ବାହାରେ ଥିବା ଲୋକମାନେ ମୋତେ ଟାଣି ଭିତରୁ ବାହାର କରିଥିଲେ। ତା' ପରେ ମୁଁ ଅଚେତ ହୋଇପଡିଥିଲି। ଏବେ ମୁଁ ହସ୍ପିଟାଲରେ ସୁସ୍ଥ ଅଛି ବୋଲି ସେ କହିଛନ୍ତି।

ପି.ଭୂମିକା କହିଛନ୍ତି, ମୁଁ ବସ୍ ମଧଭାଗ ସିଟରେ ବସିଥିଲି। ହଠାତ୍ କରେଣ୍ଟ ମାରିଥିଲା। ବସ୍ ଭିତରେ ଦଳାଚକଟା ଆରମ୍ଭ ହୋଇଥିଲା। ମୁଁ ବଞ୍ଚିବି ବୋଲି ଭାବି ନ ଥିଲି ବୋଲି କୋହଭରା କଣ୍ଠରେ କହିଛନ୍ତି।

ଅନ୍ୟପଟେ ସୋମବାର ସିପିଆଇ(ଏମ୍) ରାଜ୍ୟ ସମ୍ପାଦକ ଅଳି କିଶୋର ପଟ୍ଟନାୟକ ଏମ୍‌କେସିଜି ମେଡିକାଲରେ ପହଞ୍ଚି ଆହତଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ରାଜ୍ୟ ସରକାର ପ୍ରତ୍ୟେକ ମୃତକଙ୍କ ପରିବାର ବର୍ଗଙ୍କୁ ୨୦ ଲକ୍ଷ ଟଙ୍କା ଆର୍ଥିକ ସହାୟତା ଦେବା ସହ ଆହତଙ୍କୁ ୫ ଲକ୍ଷ ଟଙ୍କାର ସହାୟତା ଦେବାକୁ ସେ ଦାବି କରିଛନ୍ତି। ଅନ୍ୟପଟେ ଘଟଣା ପରେ ଉଭୟ ସାଉଥ୍-କୋ କର୍ତ୍ତୃପକ୍ଷ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ କର୍ତ୍ତୃପକ୍ଷ ନିଜର ଦୋଷ ଲୁଚାଇବାକୁ ଯାଇ ନିଜନିଜ ଭିତରେ ଦୋଷ ଲଦିଛନ୍ତି। ଆଞ୍ଚଳିକ ପରିବହନ ଅଧିକାରୀ ସଞ୍ଜୟ ବିଶ୍ୱାଳ କହିଛନ୍ତି, ରବିବାର ବସ୍ ଟ୍ରାଜେଡି ପରେ ବିଭାଗୀୟ ତଦନ୍ତ କରାଯାଇ ଏହାର ପ୍ରାଥମିକ ରିପୋର୍ଟ ଜିଲାପାଳ ଓ ଟ୍ରାନ୍ସପୋର୍ଟ କମିଶନରଙ୍କୁ ଦିଆଯାଇଛି। ସିଲ୍‌କ ସିଟି ବସ୍ କାଗଜପତ୍ର ଠିକ୍ ଥିବା ବେଳେ ବିନା ସ୍ପେଶାଲ ପର୍‌ମିଟରେ ବସ୍‌ଟି ମେଣ୍ଟରାଜପୁର ଯାଇଥିଲା। ଘଟଣାର ଏବେ ତଦନ୍ତ କରାଯାଉଛି ବୋଲି ସେ କହିଛନ୍ତି। ଅନ୍ୟପଟେ ଏହି ଟ୍ରାଜେଡିର ପୋଲିସ ମଧ ତଦନ୍ତ କରୁଥିବା ସଦର ଏସ୍‌ଡ଼ିପିଓ ଜୟନ୍ତ ମହାପାତ୍ର କହିଛନ୍ତି। ଏବେ ଡଙ୍କଲପାଡୁ ଗାଁ ସ୍ତବ୍ଧ ହୋଇଯାଇଛି। ଲୋକଙ୍କ ପାଟିରୁ କଥା ବାହାରୁ ନାହିଁ।

# ଆର୍‌ଡିସିଙ୍କ ଅଫିସ ଆଗରେ ଏସ୍‌ୟୁସିଆଇର ବିକ୍ଷୋଭ

ବ୍ରହ୍ମପୁର ଅଫିସ,୧୦।୨

ଗଞ୍ଜାମ ଜିଲା ରଙ୍ଗେଇଲୁଣ୍ଡା ବ୍ଲକ ଗୋଳନ୍ଥରା ଥାନା ଅନ୍ତର୍ଗତ ମେଣ୍ଟରାଜପୁର ଛକରେ ରବିବାର ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ନିର୍ବନ୍ଧ ପାଇଁ ଯାଉଥିବା ବସ୍‌ରେ ୧୦ ଜଣଙ୍କ ମୃତ୍ୟୁ ଘଟଣାକୁ ନେଇ ଏବେ ବିଭିନ୍ନ ସଂଗଠନ ପକ୍ଷରୁ ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହି ଘଟଣା ପାଇଁ ବିଦ୍ୟୁତ୍ ସଂସ୍ଥା ଘରୋଇକରଣକୁ ଦାୟୀ କରିଛି ଏସ୍‌ୟୁସିଆଇ(କମ୍ୟୁନିଷ୍ଟ)। ବିଦ୍ୟୁତ୍ ବିଭାଗର ଘରୋଇକରଣ ପରେ ଉକ୍ତ ଘରୋଇ ସଂସ୍ଥା ଅସ୍ୱାଭାବିକ ଭାବେ ବିଦ୍ୟୁତ୍ ଶୁଳ୍କ ବୃଦ୍ଧି କରି ଖାଉଟିଙ୍କ ଉପରେ ଆର୍ଥିକ ବୋଝ ବଢାଇବାରେ ଲାଗିଛି। କିନ୍ତୁ ଏ ପର୍ଯ୍ୟନ୍ତ ଦୀର୍ଘ ୪୦ ବର୍ଷର ବିଦ୍ୟୁତ୍ ଖୁଣ୍ଟ, ତାର, ସବଷ୍ଟେଶନଗୁଡିକ ବଦଳାଇବା ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରିନାହିଁ। ଫଳ ସ୍ୱରୂପ ଏଭଳି ଘଟଣା ଘଟିଥିବା ଏସ୍‌ୟୁସିଆଇ ଅଭିଯୋଗ କରିଛି। ବିଗତ ୧୦ ବର୍ଷରେ ବିଦ୍ୟୁତ୍ ଆଘାତରେ ପ୍ରାୟ ୧୨ ଶହରୁ ଉର୍ଦ୍ଧ୍ୱ ଲୋକ ମୃତ୍ୟୁ ମୁଖରେ ପଡିଥିବା ସତ୍ତ୍ୱେ ପୁରୁଣା ବିଦ୍ୟୁତ୍ ଖୁଣ୍ଟ, ତାର, ସବ୍‌ଷ୍ଟେଶନଗୁଡିକର ନବୀକରଣ ଦିଗରେ ବିଭାଗ କୌଣସି ପଦକ୍ଷେପ ଗ୍ରହଣ ନ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ସଂଗଠନ ପକ୍ଷରୁ କୁହାଯାଇଛି। ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରିବା ସହ ମୃତକଙ୍କ ପରିବାରକୁ ୧୦ ଲକ୍ଷ, ଆହତଙ୍କୁ ୫ ଲକ୍ଷ ଟଙ୍କାର କ୍ଷତିପୂରଣ ଦେବାକୁ ଏସ୍‌ୟୁସିଆଇ ଦାବି କରିଛି। ଏଥିସହିତ ବିଦ୍ୟୁତ୍ ସଂସ୍ଥାର ଘରୋଇକରଣ ବନ୍ଦ କରିବା, ବିପଦ ସଙ୍କୁଳ ଅବସ୍ଥାରେ ଥିବା ସମସ୍ତ ତାର, ଖୁଣ୍ଟ, ସବ୍‌ଷ୍ଟେଶନଗୁଡିକର ମରାମତି, ଏମ୍‌କେସିଜି ମେଡିକାଲରେ ବର୍ଣ୍ଣ ୟୁନିଟ ଖୋଲିବା ସହ ଆବଶ୍ୟକ ଡାକ୍ତର, ନର୍ସ କର୍ମଚାରୀଙ୍କୁ ନିଯୁକ୍ତି ଦେବା, ଗଞ୍ଜାମ ଜିଲାର ସମସ୍ତ ଡାକ୍ତରଖାନା ଭିତ୍ତିଭୂମିର ବିକାଶ, ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ଓ ବିଡ୍ରାଟ ବନ୍ଦ କରିବାକୁ ସଂଗଠନ ଦାବି କରିଛି।



ଏସ୍‌ୟୁସିଆଇ ପକ୍ଷରୁ ଆରଡିସିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

■ମେଣ୍ଟରାଜପୁର ଘଟଣାରେ ବିଦ୍ୟୁତ୍ ବିଭାଗ ଘରୋଇ କରଣକୁ ଦାୟୀ

■ଉଚ୍ଚସ୍ତରୀୟ ତଦନ୍ତ, ଘରୋଇକରଣ ପ୍ରତ୍ୟାହାର ଦାବି

■ମୃତକଙ୍କୁ ୧୦ ଲକ୍ଷ, ଆହତଙ୍କୁ ୫ ଲକ୍ଷ କ୍ଷତିପୂରଣ ଦାବି

ଏନେଇ ସୋମବାର ଦକ୍ଷିଣାଞ୍ଚଳ ଆରଡିସିଙ୍କ କାର୍ଯ୍ୟାଳୟ ଆଗରେ ସଂଗଠନ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏନେଇ ସଂଗଠନ ପକ୍ଷରୁ ଆରଡିସିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ତୁରନ୍ତ ଦାବିପୂରଣ ଦିଗରେ ପଦକ୍ଷେପ ଗ୍ରହଣ କରା ନ ଗଲେ ସଂଗଠନ ଆନ୍ଦୋଳନକୁ ଓହ୍ଲାଇବାକୁ ଚେତାବନୀ ଶୁଣାଇଛି। ଦାବିପତ୍ର ପ୍ରଦାନ ବେଳେ ଏସ୍‌ୟୁସିଆଇର ଗଞ୍ଜାମ ଜିଲା ସମ୍ପାଦକ ସୋମନାଥ ବେହେରାଙ୍କ ସମେତ କାର୍ତ୍ତିକ ଚନ୍ଦ୍ର ମହନ୍ତ, ନିମାଇଁ ଚରଣ ସାହୁ, ଡି. ତିରୁପତି ଦୋରା, ନାରାୟଣ ସାହୁ ଓ ଶୁଭସ୍ମିତା ପାଣିଗ୍ରାହୀଙ୍କ ସମେତ ସଂଗଠନର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ସିପିଏମ୍ ରାଜ୍ୟ ସମ୍ପାଦକଙ୍କ ଦାବି

# ସାଉଥ୍-କୋ ଏଓ, ସିଇଓଙ୍କୁ ଗିରଫ କରାଯାଉ

ବ୍ରହ୍ମପୁର ଅଫିସ,୧୦।୨

ଗଞ୍ଜାମ ଜିଲା ରଙ୍ଗେଇଲୁଣ୍ଡା ବ୍ଲକ ମେଣ୍ଟରାଜପୁର ନିକଟରେ ଚଳନ୍ତା ବସ୍ ଉପରେ ୧୧ କେଭି ବିଦ୍ୟୁତ୍ ତାର ଲାଗିଯିବାରୁ ୧୦ ଜଣଙ୍କ ଜୀବନ ଯାଇଥିବା ବେଳେ ଅନେକ ଗୁରୁତର ଆହତ ହୋଇ କଟକ ଓ ବ୍ରହ୍ମପୁର ବଡ଼ ଡ଼ାକ୍ତରଖାନାରେ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ଦକ୍ଷିଣାଞ୍ଚଳ ବିଦ୍ୟୁତ୍ ପରିବଣ୍ଟନ ସଂସ୍ଥା ସାଉଥ୍-କୋର ଅବହେଳା ଯୋଗୁ ଏଭଳି ଘଟଣା ଘଟିଥିବା ସିପିଏମ୍ ରାଜ୍ୟ ସମ୍ପାଦକ ଅଳି କିଶୋର ପଟ୍ଟନାୟକ ବ୍ରହ୍ମପୁରରେ ସଙ୍ଗିନ ଅଭିଯୋଗ କରିଛନ୍ତି। ଏଥିପାଇଁ ସାଉଥ୍-କୋ ପ୍ରଶାସନିକ ଅଧିକାରୀ (ଏଓ) ପ୍ରଦୀପ କୁମାର ସାହୁ ଏବଂ ମୁଖ୍ୟ ବୈଷୟିକ ଅଧିକାରୀ (ସିଇଓ) ପି. ଅରୁଣ କୁମାରଙ୍କୁ ସେ ଦାୟୀ କରିଛନ୍ତି। ତେଣୁ ଉଭୟଙ୍କ ବିରୋଧରେ ନ୍ୟାୟିକ କାର୍ଯ୍ୟାନୁଷ୍ଠାନ ପାଇଁ ସିପିଏମ୍ ନେତା ପଟ୍ଟନାୟକ ବ୍ରହ୍ମପୁର ବୈଦ୍ୟନାଥପୁର ଥାନାରେ ସୋମବାର ଆପରାଧିକ ମାମଲା ରୁଜୁ କରିଛନ୍ତି। ତୁରନ୍ତ ଦଣ୍ଡବିଧାନ କରାଯିବାକୁ ସେ ଦାବି କରିଛନ୍ତି।

ଅଭିଯୋଗ ଫର୍ଦ୍ଦରେ ଅଳି ଦର୍ଶାଇଛନ୍ତି, ଏହି ହୃଦୟ ବିଦାରକ ଘଟଣାକୁ ହାଲୁକା ଭାବେ ଗ୍ରହଣ କରା ନ ଯାଇ ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନର ଆବଶ୍ୟକତା ରହିଛି। ୧୧ କେଭି ଖୁଣ୍ଟ ଓ ତାରଗୁଡ଼ିକ ଏବଂ ଅନ୍ୟ କାର୍ଯ୍ୟର ରକ୍ଷଣାବେକ୍ଷଣରେ ସାଉଥ୍-କୋର ଦାୟିତ୍ୱହୀନତା ପଦାରେ ପଡ଼ିଛି। ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ନିୟାମକ ଆୟୋଗ (ଓଇଆରସି) ପକ୍ଷରୁ ୨୦୦୮-୦୯ ବର୍ଷରେ ବ୍ରହ୍ମପୁର ସମେତ ଆଖପାଖ ଅଞ୍ଚଳରେ ଖୁଣ୍ଟ ଓ ତାରଗୁଡ଼ିକ ଅତି ପୁରୁଣା ହୋଇଥିବାରୁ ଯେ କୌଣସି ମୁହୂର୍ତ୍ତରେ ବଡ଼ ଧରଣର ଦୁର୍ଘଟଣା ଘଟିବାର ଆଶଙ୍କାକରି ସାଉଥ୍-କୋକୁ ସତର୍କ କରି ଦିଆଯାଇଥିଲା। ଏହାର ୧୦ ବର୍ଷ ବିତିବା ପରେ ବି ଓଇଆରସି ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରାଯାଇ ନ ଥିବାରୁ ମେଣ୍ଟରାଜପୁରରେ ଦୁର୍ଘଟଣା ଘଟିଛି।

ଅପରପକ୍ଷରେ ଭୂମିଠାରୁ ୬ ମିଟର ଉଚ୍ଚରେ ୧୧ କେଭି ତାର ରହିବା ନିୟମ ଥିବା ସତ୍ତ୍ୱେ ଏହାକୁ ଉଲ୍ଲଂଘନ କରାଯାଇ ୩ ମିଟର ଉଚ୍ଚତାରେ ଥିବାରୁ ବସ ଉପରେ ତାର ପଡ଼ି ସାଂଘାତିକ ସ୍ଥିତି ଉପୁଜିଥିବା ଓ ଏଥିଲାଗି ବୈଷୟିକ ମୁଖ୍ୟଙ୍କୁ ସିପିଏମ୍ ନେତା ଦାୟୀ କରିଛନ୍ତି। ଏହା ସହ ବ୍ରହ୍ମପୁରରେ ଅବସ୍ଥାପିତ ରାଜ୍ୟ ସରକାରଙ୍କ ଇଲେକ୍ଟ୍ରିକାଲ ଇନ୍ସପେକ୍ଟର ମଧ ନିଜ ଦାୟିତ୍ୱରେ ଅବହେଳା କରିଛନ୍ତି। ସମସ୍ତ ପରୀକ୍ଷା ନିରୀକ୍ଷା ନ କରି ଇଲେକ୍ଟ୍ରିକାଲ ଇନ୍ସପେକ୍ଟର ଲାଇନ ଚାର୍ଜ ନିମନ୍ତେ କିଭଳି ଅନୁମତି ଦେଲେ ସେନେଇ ପଟ୍ଟନାୟକ ପ୍ରଶ୍ନ କରିଛନ୍ତି। ସେହିପରି ସାଉଥ-କୋରେ ସ୍ଥାୟୀ କର୍ମଚାରୀ ନିଯୁକ୍ତି ନ କରି ଅନଭିଜ୍ଞ ଆଉଟସୋର୍ସିଂ କର୍ମଚାରୀଙ୍କ ଦ୍ୱାରା କାମ ଚଳାଉଥିବା ଦୁର୍ଘଟଣାର ଆଉ ଏକ କାରଣ ହୋଇଥିବା ସେ କରିଛନ୍ତି। ତେଣୁ ମେଣ୍ଟରାଜପୁର ଲୋମଟାଙ୍କୁରା ଦୁର୍ଘଟଣା ଘଟିଥିବା କୁହାଯାଇଛି।

■ମେଣ୍ଟରାଜପୁର ବିଦ୍ୟୁତ୍ ଦୁର୍ଘଟଣା ମନୁଷ୍ୟକୃତ ଅଭିଯୋଗ

■ଦାୟିତ୍ୱରେ ଅବହେଳା କରିଛନ୍ତି ଇଲେକ୍ଟ୍ରିକାଲ ଇନ୍ସପେକ୍ଟର

■ବିଏନ୍‌ପୁର ଥାନାରେ ମାମଲା ରୁଜୁ

ଦୁର୍ଘଟଣା ଆକସ୍ମିକ ନୁହେଁ ଓ ଏହା ମନୁଷ୍ୟକୃତ ହୋଇଥିବାରୁ ଦାୟିତ୍ୱରେ ଅବହେଳା କରିଥିବା ଅଧିକାରୀ ଓ କର୍ମଚାରୀଙ୍କ ବିରୋଧରେ ଆପରାଧିକ ମାମଲା ରୁଜୁକରି ଅବିଳମ୍ବେ ଗିରଫ କରିବାକୁ ସିପିଏମ୍ ରାଜ୍ୟ ସମ୍ପାଦକ ଅଭିଯୋଗ ଫର୍ଦ୍ଦରେ ଦାବି କରିଛନ୍ତି। ଅନ୍ୟପକ୍ଷରେ ଅଳିଙ୍କ ମାମଲା ଥାନାରେ ରେଜିଷ୍ଟ୍ରି କରାଯାଇ ତଦନ୍ତ ଆରମ୍ଭ ହୋଇଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ମେଣ୍ଟରାଜପୁର ଦୁର୍ଘଟଣାକୁ ନେଇ ରାଜନୀତି ଜୋର ଧରିଛି। ରବିବାର ଭାଜପା ପକ୍ଷରୁ ଗଣଧାରଣା ଦିଆଯାଇଥିବା ବେଳେ ରାସ୍ତା ଉପରେ ଆନ୍ଦୋଳନ କରିବାର କଂଗ୍ରେସ ଚେତାବନୀ ଦେଇଥିଲା। ସୋମବାର ବାମପନ୍ଥୀ ସିପିଏମ୍ ପକ୍ଷରୁ ଥାନାରେ ମାମଲା ରୁଜୁ କରାଯାଇଛି।

# ମୃତକଙ୍କ ପରିବାରକୁ ଭେଟିଲେ ଚିକିଟି ବିଧାୟିକା


ବାପା ମାଆ ହରାଇଥିବା ଦୁଇ ଭଉଣୀଙ୍କ ସହ ଆଲୋଚନା କରୁଛନ୍ତି ବିଧାୟିକା ଉଷା ଦେବୀ।

ଗୋପାଳପୁର,୧୦।୨

ଗୋଳନ୍ଥରା ଥାନା ମେଣ୍ଟରାଜପୁର ଛକରେ ସିଲ୍‌କ ସିଟି ବସ୍ ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିବାରୁ ରବିବାର ୧୦ ଜଣଙ୍କ ମୃତ୍ୟୁ ଘଟିଥିଲା। ସୋମବାର ଅପରାହ୍ନରେ ଚିକିଟି ବିଧାୟିକା ଉଷା ଦେବୀ, ବ୍ଲକ ଅଧକ୍ଷା ଏମ.ପଦ୍ମାବତୀ, ତହସିଲ ଓ ବ୍ଲକ ପ୍ରଶାସନର ଅଧିକାରୀମାନେ ଚିକିଟି ବ୍ଲକ ଡଙ୍କଲପାଡୁ ଗ୍ରାମରେ ପହଞ୍ଚିଥିଲେ। ସେଠାରେ ମୃତକଙ୍କ ପରିବାର ସଦସ୍ୟଙ୍କୁ ଭେଟି ସରକାରଙ୍କ ପକ୍ଷରୁ ସମସ୍ତ ସହଯୋଗ ଯୋଗାଇ ଦିଆଯିବ। ଏଥିସହ ପ୍ରତ୍ୟେକ ମୃତକଙ୍କ ପରିବାରକୁ ରେଡକ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ପ୍ରଦାନ କରାଯିବ ବୋଲି କହିଥିଲେ। ଚିକିଟି ଭାରପ୍ରାପ୍ତ ଗୋଷ୍ଠୀ ଶିକ୍ଷାଧିକାରୀ କୋରେଶୁ ସେଠୀ ମୃତ ଛାତ୍ର ଦେବରାଜୁ ଓ ଛାତ୍ରୀ ସନ୍ତୋଷିନୀ ସାହୁଙ୍କ ପରିବାରକୁ ଗୁରୁ-ଛାତ୍ର କଲ୍ୟାଣ ପାଣ୍ଠିରୁ ୫ ହଜାର ଟଙ୍କା ପ୍ରଦାନ କରିଥିଲେ। ସେହିପରି ୟୁ.ସନ୍ନ୍ୟାସୀ ରେଡ୍ଡୀ କହିଛନ୍ତି, ପୁଅ ଅଶୋକର ନିର୍ବନ୍ଧ ପାଇଁ ଚିକରଡ଼ା ଯାଉଥିବା ବସଟି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ୧୦ ଜଣଙ୍କ ଜୀବନ ଚାଲିଗଲା, ଯାହାକୁ ନେଇ ଏବେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ମଙ୍ଗଳବାର ପୁଅର ବାହାଘର ହୋଇଥାନ୍ତା। କିନ୍ତୁ ଏଭଳି ଘଟଣା ପରେ ବିବାହକୁ ନେଇ ଅନିଶ୍ଚିତତା ରହିଛି। ସେହିପରି ସିଏଚ୍ ଡିଲେଶ୍ୱର ରେଡ୍ଡୀଙ୍କ କହିବା ପ୍ରକାରେ ଅଞ୍ଚଳବାସୀ ହରେଇଥିବା ଲୋକଙ୍କୁ ଝୁରୁଛନ୍ତି। ସରକାର ଯେଉଁ ଆର୍ଥିକ ସହାୟତା ଘୋଷଣା କରିଛନ୍ତି, ତା'ଠାରୁ ଅଧିକ ସହାୟତା ରାଶି ଦେଇଥିଲେ ମୃତକଙ୍କ ପରିବାରବର୍ଗ ଉପକୃତ ହୋଇପାରନ୍ତେ ଓ ଘଟଣାର ଠିକ ତଦନ୍ତ କରି ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଥିଲେ। ବିଦ୍ୟୁତ୍ ବିଭାଗର ଖାମଖିଆଲ ନୀତି ଯୋଗୁ ଏଭଳି ଘଟଣା ଘଟିଥିବା ଏନ. ଡମ୍ବୁରୁ ରେଡ୍ଡୀ କହିବା ସହ ମୃତକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ କରିବାକୁ ସେ ଦାବି କରିଛନ୍ତି।


ମୃତକଙ୍କ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ କରୁଛନ୍ତି ବିଧାୟିକା।


ସିଏଚ୍ ଡିଲେଶ୍ୱର ରେଡ୍ଡୀ


ଏନ. ଡମ୍ବୁରୁ ରେଡ୍ଡୀ


ୟୁ.ସନ୍ନ୍ୟାସୀ ରେଡ୍ଡୀ

# ଗଡ଼ିଲା ଫାଇଲେରିଆ, ବାତଜ୍ୱର ସଚେତନତା ରଥ

ବ୍ରହ୍ମପୁର ଅଫିସ,୧୦।୨

ଜାତୀୟ ଭେକ୍ଟରବାହିତ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମ, ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶାଳୟ, ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ ମିଳିତ ଆନୁକୂଲ୍ୟରେ ଆୟୋଜିତ ସାର୍ବଜନୀନ ବାତଜ୍ୱର ଔଷଧ ସେବନ କାର୍ଯ୍ୟକ୍ରମ ସୋମବାର ଶୁଭାରମ୍ଭ ହୋଇଛି। ବ୍ରହ୍ମପୁର ଉପଜିଲାପାଳ ସିନ୍ଧେ ଦତ୍ତାତ୍ରୟ ଭାଉସାହେବ ମୁଖ୍ୟଅତିଥି ଭାବେ ଯୋଗଦେଇ ଭିଭି ଗିରି ବାଳିକା ଉଚ୍ଚ ବିଦ୍ୟାଳୟରୁ ଏହାର ଶୁଭାରମ୍ଭ କରିଥିଲେ । ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ(ସିଡିଏମ୍‌ପିଏଚଓ) ଡା. ଆର ଜଗଦୀଶ ପଟ୍ଟନାୟକ, ଜାତୀୟ ଭେକ୍ଟର ବାହିତ କାର୍ଯ୍ୟକ୍ରମ ଯୁଗ୍ମ ନିର୍ଦ୍ଦେଶକ ଡା. ପ୍ରଦୀପ୍ତ କୁମାର ସାହୁ, ଗଞ୍ଜାମ ଜିଲା ଡିପିଏଚଓ ଡା. ସନ୍ତୋଷ କୁମାର ପାଢ଼ୀ, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ(ପରିବାର କଲ୍ୟାଣ) ଡା. ଭି. ସରୋଜିନୀ ଦେବୀ, ଜାତୀୟ ସହରାଞ୍ଚଳ ସ୍ୱାସ୍ଥ୍ୟ ମିଶନ ଏଡିୟୁପିଏଚଓ ଡା. ଲଳାଟେନ୍ଦୁ ଦାଶ, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ(କୁଷ୍ଠରୋଗ) ଡା ତୃପ୍ତିଲତା ମହାପାତ୍ର, ରୋଗ ନିୟନ୍ତ୍ରଣ ବିଭାଗ ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଅବନୀ କୁମାର ପାତ୍ର, ଜାତୀୟ ସହରାଞ୍ଚଳ ସ୍ୱାସ୍ଥ୍ୟ ମିଶନ ଜିଲା ପ୍ରକଳ୍ପ ଅଧିକାରୀ ଶ୍ୟାମସୁନ୍ଦର ତ୍ରିପାଠୀ, ଆଇସି କନ୍‌ସଲଣ୍ଟାଣ୍ଟ ଚାରୁ ଚନ୍ଦ୍ର ମହାପାତ୍ର, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଆଞ୍ଚଳିକ କୋର୍ଡିନେଟର ଡା. ନିଶିଥ ଦାଶ, ଜଳବାହିତ ରୋଗ ଜିଲା ସଂଯୋଜକ ସୁଜିତ କୁମାର କାର୍ଜୀ, ବିଏମ୍‌ସି ନଗର ସ୍ୱାସ୍ଥ୍ୟ ଅଧିକାରୀ ଡା. ମାନସ ରଞ୍ଜନ ପଣ୍ଡା , ରଙ୍ଗେଇଲୁଣ୍ଡା ବିଇଓ ପ୍ରଭାତୀ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟର ଛାତ୍ରୀଙ୍କୁ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଔଷଧ ସେବନର ଆବଶ୍ୟକତା ଉପରେ ସଚେତନ ସହ ଔଷଧ ସେବନ କରାଯାଇଥିଲା। ଏହି ଅବସରରେ ଫାଇଲେରିଆ ରୋଗ ତଥା ବାତଜ୍ୱର ନିରାକରଣ ଦିଗରେ ସଚେତନତା ସୃଷ୍ଟି ନେଇ ଏକ ରଥର ଶୁଭାରମ୍ଭ ହୋଇଥିଲା। ୩ ଦିନ ଧରି ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମରେ ୨ ବର୍ଷରୁ କମ୍ ବୟସର ଶିଶୁ, ଗର୍ଭବତୀ, ସାଙ୍ଘାତିକ ଭାବେ ପୀଡିତ ଥିବା ବ୍ୟକ୍ତିଙ୍କ ବ୍ୟତୀତ ଚଳିତ ବର୍ଷ ସମସ୍ତେ ଏହି ଔଷଧ ସେବନ କରିପାରିବେ । ଜିଲାର ମୋଟ ୩୫ ଲକ୍ଷ ୫୨ ହଜାର ୨୨୬ ଲୋକଙ୍କୁ ଏହି ଔଷଧ ସେବନ କରାଯିବାକୁ ଦିଆଯିବା ସହ ୨୦୨୧ ସୁଦ୍ଧା ଗଞ୍ଜାମ ଜିଲାକୁ ବାତଜ୍ୱର ମୁକ୍ତ ଜିଲାରେ ପରିଣତ କରିବାକୁ ଲକ୍ଷ୍ୟ ରହିଛି। ଜିଲାରେ ୭୦୫୦ ଆଶା, ଅଙ୍ଗନୱାଡି କର୍ମୀ ଓ ସ୍ୱେଚ୍ଛାସେବୀଙ୍କୁ ନିୟୋଜିତ କରାଯାଇଥିବା ବେଳେ ପ୍ରତ୍ୟେକଙ୍କୁ ଘରକୁ ଘର ବୁଲି ଔଷଧ ଖୁଆଇ ଆସିବାକୁ କୁହାଯାଇଛି। କାର୍ଯ୍ୟକ୍ରମକୁ ଅନୁଧ୍ୟାନ କରିବାକୁ ୭୦୫ ସୁପରଭାଇଜରଙ୍କୁ ନିୟୋଜିତ କରାଯାଇଛି। ଏହାବ୍ୟତୀତ ଉକ୍ତ ତିନିଦିନରେ କୌଣସି କାରଣରୁ ଔଷଧ ସେବନ କରିପାରି ନ ଥିବା ଲୋକଙ୍କୁ ପୁନଃ ଔଷଧ ସେବନ କରିବାକୁ ଫେବୃୟାରୀ ୧୩ ରୁ ୨୦ ପର୍ଯ୍ୟନ୍ତ ପୁନଃ ଔଷଧ ସେବନ କାର୍ଯ୍ୟକ୍ରମ ଆୟୋଜନ କରାଯିବା ନେଇ ସୂଚନା ଦିଆଯାଇଛି ।



ଉପଜିଲାପାଳ ଛାତ୍ରୀଙ୍କୁ ଔଷଧ ଖୁଆଇବା ପରେ ହାତରେ ମାର୍କିଂ କରୁଛନ୍ତି ।

**ସାର୍ବଜନୀନ ବାତଜ୍ୱର ଔଷଧ ସେବନ କାର୍ଯ୍ୟକ୍ରମର ଶୁଭାରମ୍ଭ**

- ୩୫,୫୨,୨୨୬ ଲୋକଙ୍କୁ ଔଷଧ ସେବନ ଲକ୍ଷ୍ୟ
- ଆଶା, ସ୍ୱେଚ୍ଛାସେବୀ ଖୁଆଇବେ ଔଷଧ

## ସଂକ୍ଷେପରେ

### ଭକ୍ତ ସମ୍ମିଳନୀ ଲାଗି ପ୍ରସ୍ତୁତି ଜୋରଦାର

**ଆସିକା,୧୦।୨(ଡି.ଏନ୍.ଏ.):** ଆସିକା ବ୍ଲକ କର୍ଣ୍ଣୋଲିସ୍ଥିତ ନିଗମାନନ୍ଦ ଯୋଗାଶ୍ରମଠାରେ ଶୁକ୍ରବାରଠାରୁ ରବିବାର ପର୍ଯ୍ୟନ୍ତ ଭକ୍ତ ସମ୍ମିଳନୀ ଅନୁଷ୍ଠିତ ହେବ । ୩ ଦିନ ବ୍ୟାପୀ ହେବାକୁ ଥିବା ଏହି ସମ୍ମିଳନୀରେ ରାଜ୍ୟର ବିଭିନ୍ନ ସ୍ଥାନରୁ ନିଗମାନନ୍ଦଙ୍କ ସହସ୍ରାଧିକ ଭକ୍ତ ଯୋଗ ଦେବେ । ଏଥିପାଇଁ ପ୍ରସ୍ତୁତି ଜୋରଦାର ଚାଲିଛି । ଶୁକ୍ରବାର ଅପରାହ୍ନରେ ଶ୍ରଦ୍ଧାଳୁଙ୍କ ଗହଣରେ ଠାକୁର ନିଗମାନନ୍ଦ ଦେବଙ୍କ ଏକ ଶୋଭାଯାତ୍ରା କର୍ଣ୍ଣୋଲି, ଖଣ୍ଡଦେଉଳି, ଖଡଭାଗ, ଚେରମାରିଆ, ନଳବଣ୍ଟା, କାଳକଣ୍ଠପୁର, ପୁଡୁଗେଶ୍ୱରପଲ୍ଲୀ ଏବଂ ଆସିକା ସହରର ଖମ୍ବେଶ୍ୱରୀପାଟଣା, ବିନାୟକ ବଜାର, ଲକ୍ଷ୍ମୀ ବଜାର, ବସଷ୍ଟାଣ୍ଡ ଆଦି ଅଞ୍ଚଳ ପରିକ୍ରମା କରିବା ପରେ ସମ୍ମିଳନୀ ସ୍ଥଳରେ ନିର୍ମିତ ଅସ୍ଥାୟୀ ମଣ୍ଡପରେ ଠାକୁରଙ୍କୁ ବିଜେ କରାଯାଇ ଆରତୀ, ସ୍ତୋତ୍ର ବନ୍ଦନା ଆଦି କରାଯିବ । ଶନିବାର ଆସାମବଙ୍ଗୀୟ ସାରସ୍ୱତ କୋକିଳା ମଠର ମହନ୍ତ ସ୍ୱାମୀ ଦିବ୍ୟାନନ୍ଦ ସରସ୍ୱତୀଙ୍କ ଅଧକ୍ଷତାରେ ଏକ ଧର୍ମାଲୋଚନା, ସଂଘ ଶକ୍ତି ପ୍ରତିଷ୍ଠା, ଆଦର୍ଶ ଗୃହସ୍ଥ ଜୀବନ ଓ ଭାବ ବିନିମୟ ସହ ଭକ୍ତି ସଂଗୀତ ପରିବେଷଣ କରାଯିବ । ସେହିପରି ରବିବାର ସନ୍ଧ୍ୟାରେ କଞ୍ଜୁଡୁ ମଠର ମହନ୍ତ ହରିହର ଦାସ ମହାରାଜଙ୍କ ଅଧକ୍ଷତାରେ ଏକ ଧର୍ମସଭା ଆୟୋଜନ କରାଯାଇଛି । ଧର୍ମ ସଭାରେ ମୁଖ୍ୟବକ୍ତା ଭାବେ ବୈଦିକ ପ୍ରବକ୍ତା ବୀରେନ୍ଦ୍ର କୁମାର ପଣ୍ଡା ଯୋଗଦାନ କରିବେ। ରବିବାର ରାତି ୯ଟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରେ କାର୍ଯ୍ୟକ୍ରମ ଉଦଯାପିତ ହେବ । ସମସ୍ତ କାର୍ଯ୍ୟକ୍ରମକୁ ସଫଳତାର ସହ ସମ୍ପାଦନ ନିମନ୍ତେ ସକ୍ରିୟ ସହଯୋଗ କରିବା ଲାଗି ସମ୍ମିଳନୀ ପରିଚାଳନା କମିଟି ସମ୍ପାଦକ ବିଶ୍ୱନାଥ ବିଷୋୟୀ ଓ କାର୍ଯ୍ୟକାରୀ ସଭାପତି ହୃଷୀକେଶ ପାତ୍ର ଅଞ୍ଚଳବାସୀଙ୍କୁ ନିବେଦନ କରିଛନ୍ତି ।

### ନାବାଳିକାଙ୍କୁ ଅପହରଣ ପରେ ବଳାତ୍କାର : ଜେଲ ଗଲେ ବଳାତ୍କାରୀ

**ନୟାଗଡ଼ ଅଫିସ,୧୦।୨:** ନାବାଳିକାଙ୍କୁ ଅପହରଣ ପରେ ବଳାତ୍କାର କରିବା ଅଭିଯୋଗରେ ନୟାଗଡ଼ ଜିଲାର ଶରଣକୁଳ ଥାନା ପୋଲିସ ପଞ୍ଚରିଡା ଗାଁର ଅଶୋକ ମଲ୍ଲିକ(୨୭)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ଜାମିନ ନାମଞ୍ଜୁର ପରେ ତାଙ୍କୁ ସୋମବାର ନୟାଗଡ଼ ସବ୍‌ଜେଲକୁ ପଠାଇ ଦିଆଯାଇଛି । କୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ନାବାଳିକାଙ୍କୁ ସହରର ଏକ ଶିଶୁଗୃହକୁ ପଠାଇ ଦିଆଯାଇଛି । ଅଭିଯୋଗ ଅନୁସାରେ ଗତ ଶନିବାର ହରିହରପୁର ଅଞ୍ଚଳର ଜନୈକା ୧୬ ବର୍ଷୀୟା ନାବାଳିକାଙ୍କୁ ଅପହରଣ କରାଯାଇଥିଲା । ନାବାଳିକାଙ୍କ ଭାଇଙ୍କ ଅଭିଯୋଗ ପରେ ପୋଲିସ ଏକ ମାମଲା (ନଂ.୧୮/୨୦) ରୁଜୁ କରି ଘଟଣାର ତଦନ୍ତ କରୁଥିଲା ।

## ରାଜାଙ୍କୁ ମିଥ୍ୟା ମାମଲାରେ ଫସାଇ ଦିଆଯାଇଛି

ବ୍ରହ୍ମପୁର ଅଫିସ,୧୦।୨

ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଇଞ୍ଜିନିୟରିଂ ସ୍କୁଲ ଛକ ପଣ୍ଡାକଲୋନୀରେ ଗତ ମାସ ୨୮ ତାରିଖରେ କେତେକ ଦୁର୍ବୃତ୍ତ ରାଜା ଅରଫ କୃତ୍ତିବାସ ମିଶ୍ରଙ୍କୁ ସଂଘବଦ୍ଧ ଭାବେ ହତ୍ୟା ଉଦ୍ୟମ କରିଥିଲେ । ଏନେଇ ଥାନାରେ ଅଭିଯୋଗ କରାଯାଇଥିଲା । ପୋଲିସ ନାମକୁ ମାତ୍ର କେତେକ ଅଭିଯୁକ୍ତଙ୍କୁ ଗିରଫ କରି କାମ ସାରି ଦେଇଥିବା ବେଳେ ମୁଖ୍ୟ ଅଭିଯୁକ୍ତମାନଙ୍କୁ ଅଦ୍ୟାବଧି ଗିରଫ କରି ନାହିଁ ବୋଲି ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ରାଜାଙ୍କ ମା' ମିନାକ୍ଷୀ ମିଶ୍ର ଅଭିଯୋଗ କରିଛନ୍ତି । ଏହା ସହିତ ପୋଲିସ ଆକ୍ରୋଶମୂଳକ ଭାବେ ରାଜାଙ୍କୁ ମିଥ୍ୟା ମାମଲାରେ ଫସାଇ ତାଙ୍କୁ ଗିରଫ କରିଛି ବୋଲି ତାଙ୍କ ମା' ମୀନାକ୍ଷୀ ଅଭିଯୋଗ କରିଛନ୍ତି । ପୋଲିସ ତାଙ୍କୁ ଥାନାରେ ଦୁର୍ବ୍ୟବହାର କରିଛି ବୋଲି ମଧ ସେ କହିଛନ୍ତି । ଅନ୍ୟପକ୍ଷରେ ଏନେଇ ବୈଦ୍ୟନାଥପୁର ଥାନା ଅଧିକାରୀଙ୍କ ସହ ଯୋଗାଯୋଗ ବେଳେ ମୀନାକ୍ଷୀ ମିଶ୍ରଙ୍କ ଅଭିଯୋଗ ଭିତ୍ତିହୀନ ବୋଲି ସେ କହିଛନ୍ତି ।

## ସୁରକ୍ଷା ଦାବିରେ ଛାତ୍ରୀଛାତ୍ରଙ୍କ ରାସ୍ତାରୋକୋ



ରାସ୍ତାରେ ବସିଛନ୍ତି ଛାତ୍ରୀଛାତ୍ର ।

ଗଞ୍ଜାମ,୧୦।୨(ଡି.ଏନ.ଏ.)

**କଲେଜ ଛାତ୍ରଙ୍କୁ ମାଡ଼ ଘଟଣା**

ବାଲିଘାଟକୁ ନେଇ ରମ୍ଭା ଥାନା ଅନ୍ତର୍ଗତ ବେଣୀଗୌରୀ ଗ୍ରାମବାସୀ ଓ ସନ୍ତୋଷପୁର ପଞ୍ଚାୟତ କାର୍ତ୍ତିକଢ଼ୀ ଗ୍ରାମର ବାଲି ମାଫିଆଙ୍କ ମଧ୍ୟରେ ଛକାପଞ୍ଝା ଲାଗିରହିଛି । ଶନିବାର କାର୍ତ୍ତିକଢ଼ୀର ବାଲି ମାଫିଆ ଗୋଷ୍ଠୀ ଖଣ୍ଡଦେଉଳି ଶହୀଦ ଭଗତ ସିଂ କଲେଜର ଜଣେ ଯୁକ୍ତ ୩ ଛାତ୍ର ଏବଂ ବେଣୀଗୌରୀ ଗ୍ରାମର କେତେଜଣଙ୍କୁ ଆକ୍ରମଣ କରିଥିବା ନେଇ ଥାନାରେ ଏତଲା ହୋଇଥିଲା । ଏତଲାକୁ ଭିତ୍ତିକରି ପୋଲିସ ୨ ଜଣଙ୍କୁ ଗିରଫ କରିଥିଲା । ସୋମବାର ଖଣ୍ଡଦେଉଳି କଲେଜର ଛାତ୍ରୀଛାତ୍ରମାନେ ମାଡ଼ ଘଟଣାର ପ୍ରତିବାଦ କରିଥିଲେ । ସୁରକ୍ଷା ଦାବି ନେଇ ସେମାନେ ହୁମ୍ମା-ପୁରୁଷୋତ୍ତମପୁର ମୁଖ୍ୟରାସ୍ତା ଅବରୋଧ କରିଥିଲେ । ଏହାକୁ ନେଇ ସେଠାରେ କିଛି ସମୟ ପାଇଁ ଉତ୍ତେଜନା ଦେଖାଯାଇଥିଲା । ଖବର ପାଇ ରମ୍ଭା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଛାତ୍ରୀଛାତ୍ରଙ୍କୁ ବୁଝାଶୁଝା କରିବା ପରେ ରାସ୍ତାରୋକୋ ହଟିଥିଲା । ପ୍ରାୟ ୨ ଘଣ୍ଟାରୁ ଊର୍ଦ୍ଧ୍ୱ ଉଭୟ ରାସ୍ତାରେ ଗାଡ଼ି, ବସ ଅଟକି ରହିଥିଲା ।

## ଗୋପାଳ ସମାଜର ସାଧାରଣ ବୈଠକ :କୁକୁଡ଼ା ପାଳନ ମନା

ରାମଗିରି,୧୦।୨(ଡି.ଏନ.ଏ.)

ଆର.ଉଦୟଗିରି ବ୍ଲକ ରାମଗିରିର ଷୋହଳ ଖଣ୍ଡ ଗୋପାଳ ସମାଜର ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା । ସ୍ଥାନୀୟ ଗୋପାଳ ସମାଜର ମୁଖ୍ୟ ଉଦୟନାଥ ପ୍ରଧାନଙ୍କ ନେତୃତ୍ୱରେ ଓ ଆନନ୍ଦ ଗୌଡ଼, ବିଷ୍ଣୁନାଥ ଗୌଡ଼ଙ୍କ ଆବାହନକ୍ରମେ ବୈଠକ କରାଯାଇଥିଲା । ଗୋପାଳ ସମାଜ ନିୟମ ଅନୁସାରେ ସାହିରେ କୁକୁଡ଼ା ପାଳନ କରାଯିବାକୁ ମନା ଥିଲେ ମଧ କେତେକ ବ୍ୟକ୍ତି ଏହାକୁ ନ ମାନି କୁକୁଡ଼ା ପାଳନ କରୁଥିଲେ । ଅନ୍ୟ ବର୍ଗର ଲୋକମାନେ ଏହା ଉପରେ କଟୁ ମନ୍ତବ୍ୟ ଦେବାରୁ ଗୋପାଳ ସମାଜକୁ ଅପମାନିତ ହେବାକୁ ପଡ଼ିଥିଲା । ତେଣୁ ବୈଠକରେ କୁକୁଡ଼ା ରଖିଥିବା ଯୁବକମାନଙ୍କୁ ଡାକି ତୁରନ୍ତ ବନ୍ଦ କରିବାକୁ କୁହାଯାଇଥିଲା । ଏହା ନ କଲେ କୌଳିକ ନୀତି ଅନୁଯାୟୀ ଦଣ୍ଡ ଦିଆଯିବା ସହ ସମାଜରୁ ବାସନ୍ଦ କରାଯିବ ବୋଲି କୁହାଯାଇଥିଲା । ବୈଠକକୁ ଜିତେନ୍ଦ୍ର ପ୍ରଧାନ, ଅଜିତ କୁମାର ଗୌଡ଼, ସହଦେବ ପ୍ରଧାନ, ଲିଙ୍ଗରାଜ ଚୌଧୁରୀ ପ୍ରମୁଖ ପରିଚାଳନା କରିଥିଲେ । ଏଠିକାର ଗୋପାଳମାନେ ପ୍ରତ୍ୟେକ ବର୍ଷ ରଥଯାତ୍ରାରେ ଠାକୁରଙ୍କ ପହଣ୍ଡି କାର୍ଯ୍ୟ କରିବା, ଦୋଳ ପୂର୍ଣ୍ଣିମାରେ ବିମାନ ବୋହିବା ସହିତ ମନ୍ଦିର ଗୁଡ଼ିକରେ ଦେବଦେବୀ ନୀତିକାନ୍ତିରେ ଏମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଥାଏ ।

## ଫାଇଲେରିଆ ବଟିକା ବଣ୍ଟନ ଶୁଭାରମ୍ଭ

ଛତ୍ରପୁର,୧୦।୨(ଡି.ଏନ.ଏ.)

ଛତ୍ରପୁର ବ୍ଲକ ମୁନିଷିପେଣ୍ଠ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତତ୍ତ୍ୱାବଧାନରେ ସୋମବାରଠାରୁ ସ୍କୁଲ ଛାତ୍ରୀଛାତ୍ରମାନଙ୍କୁ ଫାଇଲେରିଆ ପ୍ରତିରୋଧ ପାଇଁ ବଟିକା ଦିଆଯାଇଛି । ଏଥିସହ ଘରକୁ ଘର ଯାଇ ମଧ ଏହି ବଟିକା ବଣ୍ଟାଯାଇଛି । ବଟିକା ଖାଇବାରୁ କେତେକ ସ୍କୁଲରେ କିଛି ଛାତ୍ରୀଛାତ୍ର ଅସୁସ୍ଥ ହୋଇଥିଲେ । ତୁରନ୍ତ ସ୍ୱାସ୍ଥ୍ୟ ଟିମ୍ ପହଞ୍ଚି ସେମାନଙ୍କ ଚିକିତ୍ସା କରିଥିଲେ । ଅଳ୍ପ ବିଶ୍ରାମ ଓ ଓଆରଏସ୍ ପିଇବା ପରେ ସମସ୍ତେ ସୁସ୍ଥ ହୋଇଥିବା ସୂଚନା ଦିଆଯାଇଛି । ଯାହାଙ୍କ ଶରୀରରେ ଫାଇଲେରିଆ ଜୀବାଣୁ ଥାଏ, ସେମାନଙ୍କର ମୁଣ୍ଡ ବୁଲାଇବା ସହ ବାନ୍ତି ହେବା ସ୍ୱାଭାବିକ ବୋଲି ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ କୁହାଯାଇଛି । ଏହାର ମନିଟରିଂ, ପରିଚାଳନା ପାଇଁ ଟିମ୍ ଗଠନ ହୋଇଛି । ମୁନିଷିପେଣ୍ଠ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମେଡିକାଲ ଅଫିସର ଡା. ଏ. ତନୁଜା ଓ ସୁଶାନ୍ତ ବାରିକ ହେଡକ୍ୱାର୍ଟରରେ ମନିଟରିଂ କରୁଥିବା ବେଳେ ନୋଳିଆନୂଆଗାଁ ସେକ୍ଟରରେ ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ବରୁଣ ପାଣିଗ୍ରାହୀ ଓ ଡା. ତପସ୍ୱିନୀ ପାତ୍ର, ମୁନିଷିପେଣ୍ଠ ସ୍କେଟରରେ ଡା. ଚନ୍ଦ୍ରଶେଖର ମିଶ୍ର ଓ ବିପିଏମ୍ ସୀମାଞ୍ଚଳ ପ୍ରଧାନ, ନରେନ୍ଦ୍ରପୁର ସେକ୍ଟରରେ ଡା. ରାମାନୁଜ ପଟ୍ଟନାୟକ, ସୁନ୍ଦରପୁର ସେକ୍ଟରରେ ଡା. ମମତା ମିଶ୍ର ଏବଂ ଷ୍ଟାଫ୍ ସହଯୋଗ କରୁଛନ୍ତି । ଔଷଧ ଖାଇବା ପରେ ଯେ କୌଣସି ପାର୍ଶ୍ୱ ପ୍ରତିକ୍ରିୟା ହେଲେ ଭୟ ନ କରି ତୁରନ୍ତ ସ୍ୱାସ୍ଥ୍ୟକର୍ମୀଙ୍କୁ ସୂଚନା ଦେବାକୁ ଅନୁରୋଧ କରାଯାଇଛି । ଏହି କାର୍ଯକ୍ରମରେ ଶିକ୍ଷୟିତ୍ରୀ, ଶିକ୍ଷକ, ଅଙ୍ଗନୱାଡି କର୍ମୀ, ଆଶାକର୍ମୀ, ସ୍ୱାସ୍ଥ୍ୟକର୍ମୀମାନେ ସହଯୋଗ କରୁଛନ୍ତି ।



ସ୍ୱାସ୍ଥ୍ୟ ଟିମ୍ ମନିଟରିଂ କରୁଛନ୍ତି ।

## ମୋ ନିବେଦନ, ମୋ ଗାଁରେ ତହସିଲ କାର୍ଯ୍ୟକ୍ରମ

ଆସିକା,୧୦।୨(ଡି.ଏନ୍.ଏ.)

ଆସିକା ବ୍ଲକ ବଡଖୋଲି ପଞ୍ଚାୟତରେ ସୋମବାର ମୋ ନିବେଦନ ଓ ମୋ ଗାଁରେ ତହସିଲ କାର୍ଯ୍ୟକ୍ରମ ମିଳିତ ଭାବେ ଅନୁଷ୍ଠିତ ହୋଇଯାଇଛି । ବଡ଼ଖୋଲିସ୍ଥିତ ରାଜୀବ ଗାନ୍ଧୀ ସେବା କେନ୍ଦ୍ରଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଆସିକା ତହସିଲଦାର ସଦାନନ୍ଦ ସେଠୀ ଅଧକ୍ଷତା କରିଥିଲେ । ବିଡିଓ ପ୍ରଦୀପ କୁମାର ପଣ୍ଡା, ସିଡିପିଓ ଭାରତୀ ମହାପାତ୍ର, ଏସ.ଇ.ଓ. ଟି. ପଦ୍ମା, ସହକାରୀ ନିର୍ବାହୀ ଯନ୍ତ୍ରୀ ନାରାୟଣ ସାହୁ, ଜିପିଓ ଚକ୍ରଧର ପ୍ରଧାନଙ୍କ ସମେତ ବିଭାଗୀୟ କର୍ମଚାରୀ, ସରପଞ୍ଚ ଭାଗ୍ୟଲତା ବିଷୋୟୀ, ସମିତିସଭ୍ୟା ନୀଳାବତୀ ସ୍ୱାଇଁ, ପୂର୍ବତନ ସମିତିସଭ୍ୟ ନାଗାର୍ଜ୍ଜୁନ ବିଷୋୟୀ ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ତହସିଲଦାରଙ୍କ ନିକଟରେ ଜମିଜମା ସମ୍ବନ୍ଧୀୟ ୧୨୪ ଅଭିଯୋଗ ଦାଖଲ କରାଯାଇଥିଲ । ସେହିପରି ବିଡିଓଙ୍କ ନିକଟରେ ବିଭିନ୍ନ ଭତ୍ତା, ଆବାସ ଯୋଜନା ଓ ରାଶନକାର୍ଡ ସମ୍ବନ୍ଧୀୟ ଅଭିଯୋଗ କରାଯାଇଥିଲା । ତହସିଲ ପକ୍ଷରୁ ସେହି ପଞ୍ଚାୟତର ଦାଖଲ ଖାରଜ ମାମଲାରେ ୫୦ ବ୍ୟକ୍ତିଙ୍କୁ ପଟ୍ଟା ବଣ୍ଟନ କରାଯାଇଥିଲା ।

## ଏଡ୍‌ସ ସଚେତନତା ନେଇ ପ୍ରତିଯୋଗିତା

ଛତ୍ରପୁର,୧୦।୨(ଡି.ଏନ.ଏ.)

ଛତ୍ରପୁର ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁବ ରେଡକ୍ରସ ସେଲ୍ ପକ୍ଷରୁ ଏଡ୍‌ସ ସଚେତନତା ପାଇଁ ଆନ୍ତଃ କଲେଜର ଛାତ୍ରୀଙ୍କ ମଧ୍ୟରେ ସୋମବାର ବିଭନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏଥିରେ ଛତ୍ରପୁର ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ସରକାରୀ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ପଣ୍ଡିତ ନୀଳକଣ୍ଠ ଉତ୍କଳ ଏକାଡେମୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ପ୍ରତିଭା ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୫୦ରୁ ଊର୍ଦ୍ଧ୍ୱ ଛାତ୍ରୀ ଯୋଗଦେଇ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ । ଅଧକ୍ଷା ସସ୍ମିତା ସାମନ୍ତରାୟଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ସମସ୍ତ ଅଧ୍ୟାପିକା ଓ କର୍ମଚାରୀ ସହଯୋଗ କରିଥିଲେ । ଏପରି କାର୍ଯ୍ୟକ୍ରମ ଦ୍ୱାରା ଛାତ୍ରୀମାନେ ଏଡ୍‌ସ ବ୍ୟାପିବାର କାରଣ ଓ ନିରାକରଣ ନେଇ ସଚେତନ ହୋଇ ପାରିଥିବା ସୂଚନା ଦିଆଯାଇଛି । କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା ।

## ଟ୍ରେଜେରି ଅମଲା ସଂଘ ଜିଲା କାର୍ଯ୍ୟକାରିଣୀ ବୈଠକ

ଛତ୍ରପୁର,୧୦।୨(ଡି.ଏନ.ଏ.)

ନିଖିଳ ଓଡିଶା ଟ୍ରେଜେରି ଅମଲା ସଂଘର ଗଞ୍ଜାମ ଜିଲା କାର୍ଯ୍ୟକାରିଣୀ ବୈଠକ ଦିଲୀପ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଛତ୍ରପୁରସ୍ଥିତ ଜିଲା କୋଷାଗାର କର୍ମଚାରୀଙ୍କ ସମେତ ସ୍ୱତନ୍ତ୍ର କୋଷାଗାର ବ୍ରହ୍ମପୁର, ଆସିକା, ଭଞ୍ଜନଗର, ବୁଗୁଡା, ଦିଗପହଣ୍ଡି, ଖଲ୍ଲିକୋଟ, ସୋରଡା, ହିଞ୍ଜିଳିକାଟୁ, ପୁରୁଷୋତ୍ତମପୁର ଆଦି ଉପକୋଷାଗାରର ଅମଲାମାନେ ଯୋଗଦେଇଥିଲେ । ରାଜ୍ୟ କମିଟିର ଉପଦେଷ୍ଟା ଭବାନୀ ମୋହନ ପଟ୍ଟନାୟକ, ସୁଶାନ୍ତ କୁମାର ଦାଶ, ସାଧାରଣ ସମ୍ପାଦକ ଶୁଭେନ୍ଦୁ ରାଉତରାୟ, ଉପସଭାପତି ପ୍ରହଲ୍ଲାଦ ପ୍ରଧାନ, ଯୁଗ୍ମ ସମ୍ପାଦକ ବାଳକୃଷ୍ଣ ପଣ୍ଡା, ପ୍ରବୀର କୁମାର ଦାଶ, ମୁଖ୍ୟାଳୟ ସମ୍ପାଦକ ସରୋଜ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ । ଚାକିରି ସର୍ତ୍ତାବଳୀ ଓ କ୍ୟାଡର ପୁନର୍ଗଠନ, ମାର୍ଚ୍ଚ ମାସର ମାତ୍ରାଧିକ କାର୍ଯ୍ୟଭାର ପାଇଁ ଦଶ ଦିନର ଦରମାକୁ ସ୍ୱତନ୍ତ୍ର ଭତ୍ତା ରୂପେ ପ୍ରଦାନ, ଚୁକ୍ତିଭିତ୍ତିକ କର୍ମଚାରୀମାନଙ୍କ ଦରମା ହାରକୁ ନିୟମିତ କର୍ମଚାରୀମାନଙ୍କ ମୂଳ ଦରମା ସହ ସମାନ କରିବା ଆଦି ଆଲୋଚନା ହୋଇଥିଲା । ଏହି ଅବସରରେ ଆସନ୍ତା ୨ ବର୍ଷ ପାଇଁ ସଂଘର ଜିଲା କମିଟି ଦାୟିତ୍ୱ ତୁଲାଇବାକୁ କାର୍ଯ୍ୟକାରୀ କମିଟି ଚୟନ କରାଯାଇଥିଲା । ଶ୍ୟାମ ସୁନ୍ଦର ପାଢୀ ସଭାପତି, ଦିଲୀପ କୁମାର ମିଶ୍ର ଉପସଭାପତି, ଦିବାକର ବେହେରା ସମ୍ପାଦକ, ସନ୍ତୋଷ କୁମାର ପାଣିଗ୍ରାହୀ ଯୁଗ୍ମ ସମ୍ପାଦକ, ରବୀନ୍ଦ୍ର ନାଥ ସାହୁ କୋଷାଧକ୍ଷ ଏବଂ ସୁଶାନ୍ତ ପାତ୍ର, ଟି. ସୌଜନ୍ୟା ରାଓ, ରୋଜାଲିନ୍ ରାଣୀ ମିଶ୍ର, ଦେବରାଜ ପ୍ରଧାନ, ଦିବ୍ୟଜ୍ୟୋତି ଷଡଙ୍ଗୀ, ଶିବରାମ ପାତ୍ର, ଜଗଦୀଶ ସାହୁ କାର୍ଯ୍ୟକାରୀ କମିଟି ସଦସ୍ୟ ଏବଂ ତ୍ରିନାଥ ବେହେରା ଓ ଶଙ୍କର ସେଠୀ ଉପଦେଷ୍ଟା ଭାବେ ମନୋନୀତ ହୋଇଥିଲେ ।



ବୈଠକରେ ନୂତନ କର୍ମକର୍ତ୍ତା ଓ ଅନ୍ୟମାନେ ।

## ଓପନ ଜିମ୍ ପ୍ରତି ବଢୁଛି ଆଗ୍ରହ



ବ୍ରହ୍ମପୁର ଅଫିସ,୧୦।୨

ଯୋଗ, ବାୟାମ ଶରୀରକୁ ସୁସ୍ଥ ଓ ନୀରୋଗ ରଖେ । ବ୍ରହ୍ମପୁରର ଜନସଂଖ୍ୟା ଦିନକୁ ଦିନ ବୃଦ୍ଧି ହେବାରେ ଲାଗିଛି । ଦୈନନ୍ଦିନ ଜୀବନଯାପନ ପ୍ରଣାଳୀରେ ଖାଦ୍ୟପେୟର ଅନିୟମିତତା, ମଦ୍ୟପାନ, ସିଗାରେଟ, ତେଲ ମସଲାଯୁକ୍ତ ଖାଦ୍ୟପଦାର୍ଥ ଦ୍ୱାରା ବିଭିନ୍ନ ପ୍ରକାର ରୋଗରେ ଆକ୍ରାନ୍ତ ହେଉଛନ୍ତି ଲୋକେ । ପ୍ରାଚୀନ କାଳରୁ ବର୍ତ୍ତମାନ ପର୍ଯ୍ୟନ୍ତ ବହୁ ଯୋଗୀ, ଋଷି, ମୁନିମାନଙ୍କ ବେଦ, ଉପନିଷଦ ଓ ପୁରାଣରେ ଯୋଗ ବାୟାମ ଦ୍ୱାରା ମଣିଷ ନୀରୋଗ ରୁହେ ବୋଲି ଉଲ୍ଲେଖ ରହିଛି । ଯୁବପିଢ଼ି କି ବୃଦ୍ଧ ହୁଅନ୍ତୁ ସମସ୍ତେ ନିଜ ସମୟ ବାହାର କରି ଯୋଗ ବ୍ୟାୟାମରେ ବ୍ୟସ୍ତ ରହୁଛନ୍ତି । ତେଣୁ ମହାନଗରର ଅଧିକାଂଶ ଲୋକ ଜିମ୍ ମହାଁ ହେଉଥିବା ଲକ୍ଷ୍ୟ କରାଯାଇଛି । ମହାନଗରବାସୀଙ୍କ ଆବଶ୍ୟକତା ଅନୁସାରେ ବିଏମ୍‌ସି ପକ୍ଷରୁ ଶିଶୁ ଉଦ୍ୟାନଗୁଡ଼ିକରେ ଓପନ ଜିମ୍‌ର ବ୍ୟବସ୍ଥା କରାଯାଇଛି । ପ୍ରାୟ ୨ ବର୍ଷ ହେବ ମହାନଗର ନିଗମ ପାର୍କଗୁଡ଼ିକରେ ଓପନ ଜିମ୍ ଖୋଲି ବରିଷ୍ଠ ନାଗରିକ ଓ ଯୁବବର୍ଗଙ୍କ ବ୍ୟବହାର ପାଇଁ ମାଗଣାରେ ସେବା ଯୋଗାଇ ଦିଆଯାଉଛି । ଲାଞ୍ଜିପଲ୍ଲୀ, ଷ୍ଟେଶନରୋଡ଼, କମାପଲ୍ଲୀ, ଗାନ୍ଧିନଗର ପାର୍କ, ନେହେରୁ ପାର୍କ ସମେତ ୧୦ ପାର୍କରେ ଓପନ ଜିମ୍‌ର ବ୍ୟବସ୍ଥା ରହିଛି । ବରିଷ୍ଠ ନାଗରିକ, ପାରାଲିସିସ୍ ରୋଗୀଙ୍କ ସହ ଅନେକ ରୋଗୀ ଓ ଯୁବପିଢ଼ି ପ୍ରତିଦିନ ସନ୍ଧ୍ୟା ଓ ସକାଳେ ଜିମ୍‌ରେ ଭିଡ଼ କରୁଥିବା ଦେଖିବାକୁ ମିଳୁଛି । ପ୍ରାକୃତିକ ପରିବେଶ ସାଙ୍ଗକୁ ଖୋଲା ପବନ ଓ ଦେୟମୁକ୍ତ ଜିମ୍ ଲୋକଙ୍କ ଆଗ୍ରହ ବଢ଼ାଇବାରେ ଲାଗିଛି । ବିଶେଷ କରି ରବିବାର ଓ ଅନ୍ୟ ଛୁଟି ଦିନରେ ଶହ ଶହ ଲୋକ ଏହାର ମଜା ଉଠାଇଥାନ୍ତି । ଏନେଇ ବିଏମ୍‌ସି କମିଶନର ଚକ୍ରବର୍ତ୍ତୀ ସିଂ ରାଠୋରଙ୍କୁ ଯୋଗାଯୋଗ କରିବାରୁ ଲୋକଙ୍କ ଆଗ୍ରହ ଓ ଆବଶ୍ୟକତାକୁ ଦୃଷ୍ଟିରେ ରଖି ୧୦ ପାର୍କରେ ଓପନ ଜିମ୍ ବ୍ୟବସ୍ଥା କରାଯାଇଛି । ଆଉ ୧୦ଟି ପାର୍କରେ କାମ ଚାଲିଥିବା ସେ ସୂଚନା ଦେଇଛନ୍ତି ।

**ସେମାନେ ଯାହା କୁହନ୍ତି...**



" ଏକ ମାସ ହେବ ପ୍ରତିଦିନ ଜିମ୍‌କୁ ଆସୁଛି । ଜିମ୍‌କୁ ଆସିବା ଦ୍ୱାରା ମୁଁ ବହୁତ ସୁସ୍ଥ ଅନୁଭବ କରୁଛି । ବରିଷ୍ଠ ନାଗରିକଙ୍କୁ ମାଗଣାରେ ଏହି ସେବା ବିଏମ୍‌ସି ପକ୍ଷରୁ ମିଳୁଥିବାରୁ ବିଏମ୍‌ସିକୁ ଧନ୍ୟବାଦ ଜଣାଉଛି । ଆବଶ୍ୟକତା ଅନୁସାରେ ଉପକରଣ ନାହିଁ, ତେଣୁ ବିଏମ୍‌ସି ଆଉ ଟିକେ ଧ୍ୟାନ ଦେଇ ଅଧିକ ଉପକରଣ ପ୍ରଦାନ କଲେ ଭଲ ହେବ ।

-ପି.ସୀମାଦ୍ରୀ ପାତ୍ର, ଲାଞ୍ଜିପଲ୍ଲୀ



" ୪ ମାସ ହେବ ଓପନ ଜିମ୍‌ର ମଜା ନେଉଛି । ସୁସ୍ଥ ଶରୀର ହିଁ ସଫଳତାର ଚାବିକାଠି । ଛାତ୍ରୀଛାତ୍ର ଶରୀରକୁ ସୁସ୍ଥ ଓ ନୀରୋଗ ରଖିବା ନିହାତି ଦରକାର। ମାଗଣାରେ ଏହି ସେବା ମିଳୁଥିବା ଯୋଗୁ ମୁଁ ବେଶ ଖୁସି। ମହାନଗର ନିଗମର ଅନ୍ୟ ସ୍ଥାନରେ ମଧ ଓପନ ଜିମ୍‌ର ବ୍ୟବସ୍ଥା କରାଗଲେ ଲୋକ ଉପକୃତ ହୋଇପାରିବେ ।

-ବି. ସାଇ କୁମାର ପାତ୍ର, ଲାଞ୍ଜିପଲ୍ଲୀ



" ପ୍ରାକୃତିକ ପରିବେଶ ଓ ଖୋଲା ପବନରେ ଜିମ୍‌ର ବ୍ୟବସ୍ଥା ଭାରି ଭଲ ଲାଗେ। ଜିମ୍ ବ୍ୟବହାର ଓ ସନ୍ତୁଳିତ ଖାଦ୍ୟପେୟ ଦ୍ୱାରା ୧ ବର୍ଷ ମଧ୍ୟରେ ପ୍ରାୟ ୨୦ କି.ଗ୍ରା. ଓଜନ ହ୍ରାସ କରିପାରିଛି । ସୁସ୍ଥ ରହିବା ସହ ମସ୍ତିଷ୍କ ସ୍ଥିର ଓ ଶାନ୍ତ ରହୁଛି। ପାର୍କ ଗୁଡ଼ିକର ପରିସୀମା କମ୍ ଓ ବ୍ୟବହାରକାରୀ ଅଧିକ ହେଉଛନ୍ତି । ତେଣୁ ପରିସୀମା ବୃଦ୍ଧି କରାଯାଇ ଅଧିକ କିଛି ଉପକରଣର ବ୍ୟବସ୍ଥା କରାଗଲେ ଲୋକଙ୍କ ଆବଶ୍ୟକତା ପୂରଣ ହେବ ।

-ପ୍ରକାଶ ପଟ୍ଟନାୟକ, ବ୍ରହ୍ମପୁର



" ଓପନ ଜିମ୍ ବ୍ୟବହାର ଦ୍ୱାରା ମୁଁ ସୁସ୍ଥ ଅନୁଭବ କରୁଛି । ମାଗଣାରେ ଏହି ସେବା ଉପଲବ୍ଧ ହେଉଥିବାରୁ ସମସ୍ତେ ଏହାକୁ ଉପଭୋଗ କରିପାରୁଛନ୍ତି । ଫିଟନେସ୍ ରହିବା ସହ ମନ ଶାନ୍ତ ରହୁଛି । ଆଉ କିଛି ଅତ୍ୟାଧୁନିକ ମେଶିନ ରଖିଲେ ଭଲ ହେବ ।

-ବଳେନ୍ଦ୍ର ବଳିଆର ସିଂ, ବ୍ରହ୍ମପୁର

# ଜାଲ୍ ପ୍ରମାଣପତ୍ର ଦେଇ ଚାକିରି, ୩ ଶିକ୍ଷକ ଫେରାର

## ବହିଷ୍କୃତ ହୋଇଛନ୍ତି ଜଣେ, ୨ ଦେଇଛନ୍ତି ଇସ୍ତଫା

**ଛତ୍ରପୁର ବ୍ଲକ**

**ଛତ୍ରପୁର,୧୦।୨(ଡି.ଏନ.ଏ)**

ସ୍କୁଲ ଓ ଗଣଶିକ୍ଷା ବିଭାଗ ନିର୍ଦ୍ଦେଶକ୍ରମେ ଗଞ୍ଜାମ ଜିଲାରେ ୨୦୧୧ ପରଠାରୁ ନିଯୁକ୍ତି ପାଇଥିବା ସମସ୍ତ ଜୁନିୟର ଟିଚର, ଶିକ୍ଷା ସହାୟକମାନଙ୍କ ଶିକ୍ଷାଗତ ଓ ତାଲିମ ପ୍ରମାଣପତ୍ର ଯାଞ୍ଚ କରାଯାଉଛି। ଏହି କ୍ରମରେ ଛତ୍ରପୁର ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଏକ ଟିମ୍ ଦ୍ୱାରା ସମସ୍ତ ଜୁନିୟର ଟିଚର ଓ ଶିକ୍ଷା ସହାୟକଙ୍କ ପ୍ରମାଣପତ୍ର ଯାଞ୍ଚ ହୋଇଥିଲା। କେତେଜଣଙ୍କ ପ୍ରମାଣପତ୍ର ଉପରେ ସନ୍ଦେହ ହେବାରୁ ତାହାକୁ ବୋର୍ଡକୁ ପଠାଯାଇଥିଲା। ଯାଞ୍ଚ ପରେ ସେଥିମଧ୍ୟରୁ କେତେକ ଜାଲ୍ ବୋଲି ଜଣାପଡ଼ିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଜଣେ ଶିକ୍ଷକଙ୍କୁ ବହିଷ୍କାର କରାଯାଇଥିବା ବେଳେ ୩ ଜଣଙ୍କ ନାଁରେ ସେମାନଙ୍କ ଅଞ୍ଚଳର ଥାନାରେ ମାମଲା ରୁଜୁ ହୋଇସାରିଛି। ସମ୍ପୃକ୍ତ ୩ ଶିକ୍ଷକଙ୍କୁ ପୋଲିସ ଖୋଜୁଥିବା ଜଣାପଡିଛି।

ଜାଲ ପ୍ରମାଣପତ୍ର ଦେଇଥିବାରୁ ଛତ୍ରପୁର ବ୍ଲକ ପି. ଲକ୍ଷ୍ମୀପୁର ସରକାରୀ ପ୍ରାଥମିକ ବିଦ୍ୟାଳୟର କନିଷ୍ଠ ଶିକ୍ଷକ ଜେ. ସୁକାନ୍ତୀ ରେଡ୍ଡୀଙ୍କୁ ଗତ ୨୮ ତାରିଖରେ ସମଗ୍ର ଶିକ୍ଷାର ଜିଲା ପ୍ରକଳ୍ପ ସଂଯୋଜିକା ବିନିତା ସେନାପତି ଚାକିରିରୁ ବହିଷ୍କୃତ କରିଥିଲେ। ବହିଷ୍କୃତ ଶିକ୍ଷୟିତ୍ରୀଙ୍କ ନାଁରେ ଚମାଖଣ୍ଡି ଥାନାରେ ଏତଲା ଦିଆଯାଇଛି। ସେ ଫେରାର ଥିବାବେଳେ ପ୍ରମାଣପତ୍ରର ପୁନଃଯାଞ୍ଚ ପାଇଁ ଚମାଖଣ୍ଡି ଥାନା ପୋଲିସ ପକ୍ଷରୁ ସମ୍ପୃକ୍ତ ବୋର୍ଡକୁ ପଠାଯାଇଛି। ୨ ଜଣ ଶିକ୍ଷକ ଅନ୍ୟସ୍ଥାନରେ ନିଯୁକ୍ତି ପାଇଥିବା ଦର୍ଶାଇ ଚାକିରିରୁ ଇସ୍ତଫା ଦେଇଥିଲେ। ତେବେ ସେମାନଙ୍କ ପ୍ରମାଣପତ୍ର ମଧ୍ୟ ଜାଲ୍ ଥିବା ଯାଞ୍ଚ ପରେ ଜଣାପଡିଥିଲା। ସମ୍ପୃକ୍ତ ଶିକ୍ଷକମାନଙ୍କ ଇସ୍ତଫାପତ୍ର ବର୍ତ୍ତମାନ ସୁଦ୍ଧା ଗ୍ରହଣ କରାଯାଇ ନ ଥିବା ବେଳେ ସେମାନଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯିବା ସହ ବିଭାଗୀୟ ଶୃଙ୍ଖଳାଗତ ପ୍ରୋସିଂଡିଂ ଆରମ୍ଭ ହୋଇଛି। ଏଥିପାଇଁ ଲୋକନାଥପୁର ପ୍ରାଥମିକ ସ୍କୁଲର ଶିକ୍ଷକ ଦିଲି ସାହୁଙ୍କ ନାଁରେ ଛତ୍ରପୁର ଥାନାରେ ଏବଂ ସାନଆର୍ଯ୍ୟପଲ୍ଲୀ ପ୍ରକଳ୍ପ ଉଚ୍ଚପ୍ରାଥମିକ ସ୍କୁଲର ଶିକ୍ଷକ ସୁନୀତା କରଙ୍କ ନାଁରେ ଆର୍ଯ୍ୟପଲ୍ଲୀ ମେରାଇନ୍ ଥାନାରେ ଏତଲା ଦିଆଯାଇଛି। ଏମାନେ ଫେରାର୍ ଥିବା ପୋଲିସ ସୂଚନା ଦେଇଛି।




## ବ୍ୟାପକ ଫସଲ ନଷ୍ଟ କଲେ ହାତୀପଲ



ହାତୀ ନଷ୍ଟ କରିଥିବା ପନିପରିବା କିଆରି।

**ଶେରଗଡ,୧୦।୨(ଡି.ଏନ୍.ଏ.)**

ଶେରଗଡ ବ୍ଲକ ଭୁଷୁଣ୍ଡା ଗ୍ରାମ ପାକିଡି ପାହାଡକୁ ଲାଗି ପ୍ରାୟ ୫୦୦ ଭରଣ ଜମିରେ ପନିପରିବା ଚାଷ ହୋଇଛି। ରବିବାର ରାତିରେ ଏକ ହାତୀପଲ ଶୋଭାଚନ୍ଦ୍ରପୁର ଗ୍ରାମ ଦେଇ ପାକିଡି ପାହାଡ ଯିବା ରାସ୍ତାରେ ଉକ୍ତ ଜମିରେ ବ୍ୟାପକ ଫସଲ ନଷ୍ଟ କରିଛନ୍ତି। ଏଠାରେ ଚାଷ ହୋଇଥିବା ଟମାଟୋ, ବାଇଗଣ, ବିନ୍, ବୋଇତାଳୁ, ଭେଣ୍ଡି, କଦଳୀ, ନଡିଆ, ମୁଗ ଆଦି ଫସଲ ଖାଇବା ସହ ଦଳି ନଷ୍ଟ କରିଦେଇଥିଲେ। ଏହାପରେ ନିକଟସ୍ଥ ପାକିଡି ପାହାଡକୁ ଚାଲିଯାଇଥିଲେ। ଅଦ୍ୟାବଧି ସେହି ପାହାଡରେ ଉକ୍ତ ହାତୀପଲ ରହିଛନ୍ତି। ଫଳରେ ପାକିଡି ପାହାଡକୁ ଲାଗି ଥିବା ଶୋଭାଚନ୍ଦ୍ରପୁର,ଆମ୍ବୁଆବାଡି, କେରିକେରିଖୋଲା, ସାଗରପଲ୍ଲି, ଚିକିଲି, କନ୍ଧନୂଆଗଡ, ନରେନ୍ଦ୍ରପୁର, ଚେରମାରିଆ ସମେତ ୨୦ରୁ ଅଧିକ ଗ୍ରାମବାସୀ ଏବେ ଆତଙ୍କିତ। କ୍ଷତିଗ୍ରସ୍ତ ଚାଷୀ ଭଜରାମ ସ୍ୱାଇଁ, ସନ୍ୟାସୀ ସ୍ୱାଇଁ, ଗନ୍ତାୟତ ସ୍ୱାଇଁ, ମାଗୁଣି ସ୍ୱାଇଁ, ଗୁକୁନା ସ୍ୱାଇଁ, ପାଣ୍ଡା ସ୍ୱାଇଁ, କୃଷ୍ଣଚନ୍ଦ୍ର ନାୟକ, ଭଗବାନ ନାୟକ, ପ୍ରଫୁଲ୍ଲ ନାୟକ, ତାରିଣି ନାୟକ, ସରୋଜ ସ୍ୱାଇଁ ଏବେ ଚିନ୍ତାରେ। ଏମାନଙ୍କ ବର୍ଷକର ରୋଜଗାର ଚାଲିଯାଇଛି, ଯାହାର ଆନୁମାନିକ ମୂଲ୍ୟ ୧୦ ଲକ୍ଷ ଟଙ୍କା ହେବ ବୋଲି ସେମାନେ କହିଛନ୍ତି। ଶେରଗଡ ଫରେଷ୍ଟର ଶୁଭଶ୍ରୀ ଶତପଥୀ ସୋମବାର ସକାଳେ ବନ ବିଭାଗର ଏକ ଟିମ୍ ସହ ପରିଦର୍ଶନରେ ଯାଇ କ୍ଷୟକ୍ଷତି ଅନୁଧ୍ୟାନ କରି ଫେରିଛନ୍ତି। ତୁରନ୍ତ କ୍ଷତିପୂରଣ ପ୍ରଦାନ ପାଇଁ ତାକରଡା ପୂର୍ବତନ ସରପଞ୍ଚ ଜ୍ୟୋତିଷ ନାୟକ ଦାବି କରିଛନ୍ତି।

## ଗଞ୍ଜେଇ ଜବତ, ଜଣେ ଗିରଫ

**ଆସିକା,୧୦।୨(ଡି.ଏନ୍.ଏ.):**

ଆସିକା ବସଷ୍ଟାଣ୍ଡରୁ ପୋଲିସ ରବିବାର ମଧ୍ୟାହ୍ନରେ ଜଣେ ଯୁବକଙ୍କଠାରୁ ଗଞ୍ଜେଇ ଜବତ କରିବା ସହ ତାଙ୍କୁ ଗିରଫ କରିଛି। ସେ ହେଲେ ଶେରଗଡ଼ ବଡଦାଣ୍ଡ ସାହିର ସରୋଜ କୁମାର ବିଷୋୟୀ। ତାଙ୍କ ବ୍ୟାଗରେ ଥିବା ୧୩ କି.ଗ୍ରା ୬୦୦ ଗ୍ରାମ ଗଞ୍ଜେଇକୁ ପୋଲିସ ଜବତ କରିଛି । ସରୋଜ ଭୁବନେଶ୍ୱର ଯିବା ନିମନ୍ତେ ବସ୍‌କୁ ଅପେକ୍ଷା କରିଥିଲା ବେଳେ ପାଟ୍ରୋଲିଂ ଦାୟିତ୍ୱରେ ଥିବା ପୋଲିସ କୌଣସି ସୂତ୍ରରୁ ଖବର ପାଇ ତାଙ୍କୁ କାବୁ କରିଥିଲା । ଏ ନେଇ ଆସିକା ଥାନାରେ ନଂ.୫୭/୨୦ରେ ଏକ ମାମଲା ରୁଜୁ କରାଯାଇଛି । ଗିରଫ ଅଭିଯୁକ୍ତଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ କହିଛନ୍ତି ।

# ତାରାତାରିଣୀ ପୀଠରେ ଉନ୍ନୟନ କାର୍ଯ୍ୟର ସମୀକ୍ଷା

**ପୁରୁଷୋତ୍ତମପୁର, ୧୦।୨ (ଡି.ଏନ.ଏ.)**



ସ୍ୱତନ୍ତ୍ର ସଚିବ ଉନ୍ନୟନ କାର୍ଯ୍ୟ ସମୀକ୍ଷା କରୁଛନ୍ତି।

ଗଞ୍ଜାମ ଜିଲାର ପ୍ରସିଦ୍ଧ ଇଷ୍ଟ ଦେବୀ ମା’ ତାରାତାରିଣୀ ପୀଠର ବିକାଶ ଲାଗି ଏଠାରେ ବିଭିନ୍ନ ଉନ୍ନୟନ କାର୍ଯ୍ୟମାନ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା କରିଛନ୍ତି। ଏହାର ସମୀକ୍ଷା ଲାଗି ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସଚିବ ଦିଲୀପ କୁମାର ମହାନ୍ତି ସୋମବାର ମନ୍ଦିରର ବୁଲି ଦେଖିବା ସହ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ଏଥିସହ ବିଭିନ୍ନ କାର୍ଯ୍ୟମାନ ନକ୍ସା ପ୍ରକାରେ କରାଯିବ, ଦୀପଘର, ନଡିଆ ଭାଙ୍ଗିବା ସ୍ଥଳ, ମୁଖଶାଳା ନିର୍ମାଣ କରିବା, ମନ୍ଦିରର ସୌନ୍ଦର୍ଯ୍ୟ ବୃଦ୍ଧି, ପର୍ଯ୍ୟଟକଙ୍କ ସମସ୍ତ ପ୍ରକାରର ସୁବିଧା ହୋଇପାରିବ ଏ ନେଇ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଓ ପୂଜକ ବାପୁଜୀ ରଣାଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ଏଥିରେ ଛତ୍ରପୁର ଉପ ଜିଲାପାଳ ପ୍ରିୟ ରଞ୍ଜନ ପୃଷ୍ଟି, ପୁରୁଷୋତ୍ତମପୁର ବିଡିଓ ସୀମାଞ୍ଚଳ ମହାନ୍ତି, ଆଇଆଇସି ଜଗନ୍ନାଥ ମଲ୍ଲିକ, ତହସିଲଦାର ଅରୁଣ କୁମାର ନାୟକ, ପାଟପୁର ଆଇଆଇସି ଅଜୟ କୁମାର ବାରିକ, ଏନ୍ଏସି ନିର୍ବାହୀ ଏ.ନାଗେଶ୍ୱର ରାଓ, ମନ୍ଦିର ନିର୍ବାହୀ ଅଧିକାରୀ ଟି.ତିରୁମାଲା କୁମାର ରେଡ୍ଡୀ, ମନ୍ଦିର ଉନ୍ନୟନ ପରିଷଦ ସମ୍ପାଦକ ପ୍ରମୋଦ କୁମାର ପଣ୍ଡାଙ୍କ ସମେତ ପୂର୍ତ୍ତ ବିଭାଗ, ପାନୀୟ ଜଳଯୋଗାଣ ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗ, ବିଦ୍ୟୁତ୍ ବିଭାଗର ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ଥିଲେ।

## ବସ୍ କର୍ମଚାରୀଙ୍କୁ ମାଡ଼, ଥାନାରେ ଏତଲା

**ଜଗନ୍ନାଥପ୍ରସାଦ,୧୦।୨(ଡି.ଏନ.ଏ.)**

ଅଳସୁ ଗ୍ରାମରେ ରାତ୍ରୀ ରହଣୀ କରୁଥିବା ଏକ ଯାତ୍ରିବାହୀ ବସ ଚାଳକ ନିତ୍ୟାନନ୍ଦ ବେହେରା ଓ କଣ୍ଡକ୍ଟର ମୁନା ସାହୁଙ୍କୁ ଦାଦାବଟିକୁ ନେଇ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି। ମୁନାଙ୍କ ଅଭିଯୋଗକ୍ରମେ ଜଗନ୍ନାଥପ୍ରସାଦ ପୋଲିସ ନଂ. ୨୬/୨୦ରେ ମାମଲା ରୁଜୁ କରି ଜଣଙ୍କୁ ଅଟକ ରଖିଛି।

ବସ୍ କଣ୍ଡକ୍ଟର ଜଗନ୍ନାଥପ୍ରସାଦ ଥାନାରେ କରିଥିବା ଅଭିଯୋଗ ପ୍ରକାରେ, ରବିବାର ଭୁବନେଶ୍ୱରରୁ ବସ୍‌ଟି ଫେରି ରାତି ପ୍ରାୟ ୮ଟାରେ ଅଳସୁ ଗ୍ରାମରେ ପହଞ୍ଚିଥିଲା। ଯାତ୍ରୀ ଓହ୍ଲାଇବା ପରେ ଚାଳକ ଓ ହେଲପର ଗାଡି ଧୋଉଥିଲେ। ଅଞ୍ଚଳର ୨ଜଣ ଯୁବକ ନିଶାସକ୍ତ ଅବସ୍ଥାରେ ପହଞ୍ଚି କଣ୍ଡକ୍ଟର ମୁନାଙ୍କୁ ୫୦୦ ଟଙ୍କା ମାଗିଥିଲେ। ଏହାକୁ ମୁନା ଓ ଚାଳକ ନିତ୍ୟାନନ୍ଦ ବିରୋଧ କରିଥିଲେ। ପରେ ନିଶାସକ୍ତ ଯୁବକଦ୍ୱୟ ସେମାନଙ୍କୁ ଠେଙ୍ଗାରେ ପିଟିଥିଲେ। ନିତ୍ୟାନନ୍ଦଙ୍କ ମୁଣ୍ଡ ଫାଟିବା ସହ ମୁନାଙ୍କ ହାତ ଭାଙ୍ଗି ଯାଇଥିଲା। ଉଭୟଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସୋମବାର ଥାନାରେ ଅଭିଯୋଗ ପରେ ପୋଲିସ ଜଣଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି।




## ଦୁର୍ଘଟଣାରେ ଆହତଙ୍କ ମୃତ୍ୟୁ ଅଭିଯୋଗ

**ହିଞ୍ଜିଳିକାଟୁ,୧୦।୨(ଡି.ଏନ୍.ଏ.)**

ହିଞ୍ଜିଳିକାଟୁ ନିକଟ ଘୋଡ଼ାଇଶୁଣୀ ନିକଟରେ ଗତ ୨ ତାରିଖରେ ଅଜଣା ଗାଡ଼ି ଧକ୍କାରେ ଆହତଙ୍କ ମୃତ୍ୟୁ ନେଇ ସୋମବାର ହିଞ୍ଜିଳି ଥାନାରେ ଅଭିଯୋଗ ହୋଇଛି। ପ୍ରକାଶ ଯେ, ଗତ ୨ ତାରିଖରେ ହିଞ୍ଜିଳି ଥାନା ଶାସନଅମ୍ବଗାଁର ବିଜୟ ନାହାକ ଘୋଡ଼ାଇଶୁଣୀ ନିକଟରେ ଅଜଣା ଗାଡ଼ି ଧକ୍କାରେ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ହିଞ୍ଜିଳିକାଟୁ ଡ଼ାକ୍ତରଖାନାରେ ଭର୍ତ୍ତି କରିଥିଲେ। ପରେ ଅବସ୍ଥା ଗୁରୁତର ହେବାରୁ ବ୍ରହ୍ମପୁର ଓ ପରେ କଟକ ବଡ଼ ମେଡିକାଲକୁ ନିଆଯାଇଥିଲା। ଗତ ୫ରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ପରିବାର ଲୋକେ ସୋମବାର ହିଞ୍ଜିଳି ଥାନାରେ ଅଭିଯୋଗ କରିବା ପରେ ନଂ.୪୬/୨୦ରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଥିବା ଥାନା ଅଧିକାରୀ ଅଭିମନ୍ୟୁ ଦାଶ କହିଛନ୍ତି।

## ପୂର୍ବ ଶତ୍ରୁତାରୁ ଜଣଙ୍କୁ ଆକ୍ରମଣ, ଅଭିଯୁକ୍ତ ଅଟକ

**ଗଞ୍ଜାମ,୧୦।୨(ଡି.ଏନ.ଏ.)**

ଗଞ୍ଜାମ ଥାନା ଦୁର୍ଗାଦେବୀ ସାହିସ୍ଥିତ ଷ୍ଟେଟବ୍ୟାଙ୍କ ଏଟିଏମ୍ ନିକଟରେ ରବିବାର ରାତିରେ ପୂର୍ବ ଶତ୍ରୁତାକୁ ନେଇ ଲାଇଟ ଆଣ୍ଡ ସାଉଣ୍ଡ ମାଲିକ ବାଳକୃଷ୍ଣ ପଣ୍ଡାଙ୍କୁ ମାରଣାନ୍ତକ ଆକ୍ରମଣ ହୋଇଛି। ଖବରପାଇ ଗଞ୍ଜାମ ଥାନା ଅଧିକାରୀ ଦିଲୀପ କୁମାର ସାହୁ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଆହତଙ୍କୁ ଗଞ୍ଜାମ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେବା ସହ ଅଭିଯୁକ୍ତଙ୍କୁ ଥାନାରେ ଅଟକ ରଖିଛନ୍ତି। ଅଭିଯୁକ୍ତ ଜଣକ ପୂର୍ବରୁ ବାଳକୃଷ୍ଣଙ୍କ ମୋବାଇଲ ଫୋନ ଚୋରାଇ ଧରାପଡ଼ି ଅପଦସ୍ଥ ହୋଇଥିଲେ। ଏହି ଘଟଣାର ପ୍ରତିଶୋଧ ନେବା ପାଇଁ ବାଳକୃଷ୍ଣଙ୍କୁ ଅଭିଯୁକ୍ତ ଜଣକ ଆକ୍ରମଣ କରିଥିବା ଚର୍ଚ୍ଚା ହେଉଛି। ସୋମବାର ପୂର୍ବାହ୍ନରେ ଆହତ ବାଳକୃଷ୍ଣ ଥାନାରେ ଏତଲା ଦେଇଛନ୍ତି। ଅନ୍ୟପକ୍ଷରେ ଅଭିଯୁକ୍ତଙ୍କ ନାମରେ ଗଞ୍ଜାମ ଥାନାରେ ପୂର୍ବରୁ ୬ଟି ମାମଲା ଥିବା ପୋଲିସ ପକ୍ଷରୁ କୁହାଯାଇଛି।




## ତାକରଡ଼ାରେ ପଟ୍ଟା ବଣ୍ଟନ

**ବୁଗୁଡ଼ା,୧୦।୨(ଡି.ଏନ.ଏ.)**– ବୁଗୁଡ଼ା ବ୍ଲକ ତାକରଡ଼ା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ମୋ ଗାଁରେ ତହସିଲ କାର୍ଯ୍ୟକ୍ରମରେ ପ୍ରଶାସନ ପକ୍ଷରୁ ୫୨ ଜଣ ହିତାଧିକାରୀଙ୍କୁ ଜମି ପଟ୍ଟା ବଣ୍ଟନ କରାଯାଇଛି। ତହସିଲଦାର ସଂଗ୍ରାମ କେଶରୀ ଜେନା, ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ କୃଷ୍ଣଚନ୍ଦ୍ର ସାହୁ, ପ୍ରମୁଖ ଅଭିଯୋଗ ଶୁଣିଥିଲେ।




1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ